୧୯-୨୫ ଜାନୁଆରୀ, ୨୦୨୫

ରବିବାର

ସକାଳ THE SAKALA

# ସିନ୍ଦୂରା

- ଓଡ଼ିଆ ଚଳଚ୍ଚିତ୍ରରେ ନୂତନ ସୂର୍ଯ୍ୟୋଦୟ
- ଓଡ଼ିଆ ସିନେମା ପଚିଶର ପଞ୍ଜିନାମା
- ଓଡ଼ିଆ ସିନେମାରେ ସଫଳତା ଓ ସମ୍ଭାବନା
- ବଦଳୁଛି ଓଡ଼ିଆ ସିନେମା ଧାରା
- ବଢ଼ୁଛି ଓଡ଼ିଆ ସିନେମାର ଆଦର




## ଓଡ଼ିଆ ସିନେମା

### ସମ୍ଭାବନା ଓ ଆହ୍ୱାନ




ଓଡ଼ିଆ ଚଳଚ୍ଚିତ୍ରର ଇତିହାସ ବେଶ୍ ପ୍ରାଚୀନ । 'ସୀତା ବିବାହ'ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଶହ ଶହ ଚଳଚ୍ଚିତ୍ର ତିଆରି ହୋଇଛି । କିଛି ସିନେମା ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟିଛି, ଆଉ କିଛିକୁ ଦର୍ଶକେ ଗ୍ରହଣ କରିନାହାନ୍ତି । ତେବେ କିଛି ଦଶନ୍ଧି ହେଲା ନିମ୍ନମାନର ଚଳଚ୍ଚିତ୍ର ନିର୍ମାଣ, ଦକ୍ଷିଣ ଭାରତୀୟ ଫିଲ୍ମର ଅନୁକରଣ, ଅନ୍ୟ ଭାଷାର ଚଳଚ୍ଚିତ୍ରରୁ କପି କରି ଓଡ଼ିଆ ସିନେମା ତିଆରି କରାଯାଉଥିବା ଅଭିଯୋଗ ହୋଇଆସୁଥିଲା । ଏଥିପାଇଁ ଓଲିଉଡ୍ ଇଣ୍ଡଷ୍ଟ୍ରୀକୁ ବେଶ୍ ବଦନାମ ହେବାକୁ ପଡ଼ିଛି । ଦର୍ଶକ ମଧ ଓଡ଼ିଆ ଚଳଚ୍ଚିତ୍ରରୁ ମୁହଁ ଫେରାଇ ନେଉଥିଲେ । ଫିଲ୍ମ ମୁକ୍ତିଲାଭ କରିବାର ଗୋଟିଏ ସପ୍ତାହ ପରେ ସିନେମା ହଲ୍‌ଗୁଡ଼ିକ ଖାଁ ଖାଁ ଲାଗୁଥିଲା । ତେବେ ଓଲିଉଡ୍ ଇଣ୍ଡଷ୍ଟ୍ରୀକୁ ଯେଉଁ ସବୁ ଅପବାଦ ମୁଣ୍ଡେଇବାକୁ ପଡୁଥିଲା, ଏଇ କିଛି ବର୍ଷ ହେଲା ଧୀରେ ଧୀରେ ତାହା ଅପସରିବାରେ ଲାଗିଛି । ଓଡ଼ିଆ ସିନେମା ପାଇଁ ସୃଷ୍ଟି ହୋଇଛି ନୂଆ ସମ୍ଭାବନା ।

ସଂପ୍ରତି କିଛି ଯୁବ ନିର୍ଦ୍ଦେଶକ, ପ୍ରଯୋଜକ, କଳାକାର ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରାରେ ଆଣିଛନ୍ତି ଅନେକ ପରିବର୍ତ୍ତନ । ଫଳରେ ପୁଣି ଥରେ ଦର୍ଶକମାନେ ସିନେମା ହଲ୍ ମୁହାଁ ହୋଇଛନ୍ତି । କମ୍ ବଜେଟ୍‌ରେ ନୂତନ ଧରଣର ଭଲ ସିନେମା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛନ୍ତି କିଛି ନୂଆ ପ୍ରଯୋଜକ, ନିର୍ଦ୍ଦେଶକ । ଓଡ଼ିଆ ଘରର ନିଚ୍ଛକ କାହାଣୀ, ଓଡ଼ିଶାର କଳା, ସଂସ୍କୃତି ଆଧାରିତ ବାସ୍ତବଧର୍ମୀ କାହାଣୀ, ସାମାଜିକ ବାର୍ତ୍ତା ଥିବା କାହାଣୀ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏଭଳି ଚଳଚ୍ଚିତ୍ର ଦର୍ଶକମାନଙ୍କୁ ମଧ ବେଶ୍ ଆକୃଷ୍ଟ କରୁଛି । କେବଳ ମନୋରଞ୍ଜନ ନୁହେଁ, ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ପାରିବାରିକ ସଂପର୍କକୁ ନେଇ ତିଆରି ଚଳଚ୍ଚିତ୍ରରେ ରହିଛି କିଛି ନା କିଛି ସାମାଜିକ ବାର୍ତ୍ତା । ଯାହା ଓଡ଼ିଆ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିପାରୁଛି । ଫଳରେ ପୁଣି ଥରେ ଲୋକପ୍ରିୟ ହେବାରେ ଲାଗିଛି ଓଡ଼ିଆ ସିନେମା । ଏହି ପରିପ୍ରେକ୍ଷୀରେ କିଛି ଭିନ୍ନ ସ୍ୱାଦର ଓଡ଼ିଆ ସିନେମାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:


## ଓଡ଼ିଆ ସିନେମା : ସମ୍ଭାବନା ଓ ଆହ୍ୱାନ


ପ୍ରସ୍ତୁତି 'ସକାଳ' ବ୍ୟୁରୋ


## କେମିତି କଟିବ ସପ୍ତାହ


**ମେଷ**
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ମହିଳାଙ୍କ ମନୋବଳ ଦୃଢ଼ ରହିବ । ଅଚିହ୍ନା ଲୋକଙ୍କ ଉପରେ ଭରସା କରନ୍ତୁ ନାହିଁ । ଗୁରୁ, ଶୁକ୍ରବାରରେ ନକାରାତ୍ମକ ଭାବାନାରୁ ଦୂରେଇ ରୁହନ୍ତୁ । ଶନିବାରରେ ଖାଦ୍ୟ ପାନୀୟରେ ଅଧିକ ଧ୍ୟାନ ରଖନ୍ତୁ । ପରିବାରବର୍ଗଙ୍କ ସହାୟତା ପାଇବେ ।


**ବୃଷ**
ରବି, ସୋମବାରରେ ଅସ୍ଥିରତା ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ନିଜ ଦାୟିତ୍ୱକୁ ସୁଚାରୁ ରୂପରେ ସମାପନ କରିବେ । ଗୁରୁ, ଶୁକ୍ରବାରରେ ଅଯଥା ଖର୍ଚ୍ଚ ଚିନ୍ତାର କାରଣ ପାଲଟି ପାରେ । ଶନିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ।



**ମିଥୁନ**
ରବି, ସୋମବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ମଙ୍ଗଳ, ବୁଧବାରରେ ଅଟକି ରହିଥିବା ଧନ ଫେରିପାଇବେ । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋନିବେଶ କରିବେ ।


**କର୍କଟ**
ରବି, ସୋମବାରରେ ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ବାଧ ହେବେ । ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କୁଠାରୁ ଦୂରେଇ ରୁହନ୍ତୁ । ଶନିବାରରେ ବିଭାଗୀୟ ଅଧିକାରୀଙ୍କଠାରୁ ଉଚିତ ପରାମର୍ଶ ପାଇବେ ।


**ସିଂହ**
ରବି, ସୋମବାରରେ ପରିଶ୍ରମ କରି ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ ସହ ବଚସା ହୋଇପାରେ । ଛାତ୍ରଛାତ୍ରୀ ଆଳସ୍ୟତାର ବଶବର୍ତ୍ତୀ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ନିଜ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବେ । ଶନିବାରରେ ପରିବାରର ସହାୟତା ପାଇବେ ।


**କନ୍ୟା**
ରବି, ସୋମବାରରେ ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟପୂରଣ ପାଇଁ ଚେଷ୍ଟା ଜାରି ରଖିବେ । ଗୁରୁ, ଶୁକ୍ରବାରରେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଶନିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବେ ।


**ତୁଳା**
ରବି, ସୋମବାରରେ ଆତ୍ମବିଶ୍ୱାସର ସହ ସବୁ କାର୍ଯ୍ୟ ସମାପ୍ତ କରିବେ । କୌଣସି ଶୁଭ ସମାଚାର ପାଇବେ । ମଙ୍ଗଳ, ବୁଧବାରରେ ରାଜନୈତିକ କ୍ଷେତ୍ରରେ ଲୋକସମର୍ଥନ ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶନିବାରରେ ଆର୍ଥିକସ୍ଥିତି ସୁଦୃଢ଼ ରହିବ ।


**ବିଛା**
ରବି, ସୋମବାରରେ ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ମଙ୍ଗଳ, ବୁଧବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ । । ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ଶନିବାରରେ ସହକର୍ମୀଙ୍କ ସହ ବାଦବିବାଦ ଉପୁଜିପାରେ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ ।


**ଧନୁ**
ରବି, ସୋମବାରରେ ସଂପତ୍ତି କ୍ରୟବିକ୍ରୟ କରିବାର ସୁଯୋଗ ପାଇବେ । ମଙ୍ଗଳ, ବୁଧବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଗୁରୁ, ଶୁକ୍ରବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।


**ମକର**
ରବି, ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ଗୁରୁ, ଶୁକ୍ରବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ ।


**କୁମ୍ଭ**
ରବି, ସୋମବାରରେ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । ମଙ୍ଗଳ, ବୁଧବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ପ୍ରିୟଜନଙ୍କ ସହଯୋଗ ପାଇବେ । ଶନିବାରରେ ବ୍ୟବସାୟରେ ପ୍ରସାର ପାଇଁ ନୂତନ ମାର୍ଗ ପାଇବେ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ହୋଇପାରନ୍ତି ।


**ମୀନ**
ରବି, ସୋମବାରରେ ପରିବାରରେ ଉତ୍ତମ ବୁଝାମଣା ରହିବ । କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ । କ୍ଷମତାର ସଠିକ୍ ଉପଯୋଗ କରିବେ । ମଙ୍ଗଳ, ବୁଧବାରରେ ଆର୍ଥିକସ୍ଥିତି ମଜଭୁତ ରହିବ । ଗୁରୁ, ଶୁକ୍ରବାରରେ ମହିଳାମାନେ ଅବହେଳିତ ହେବେ । ଶନିବାରରେ ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ବିଦାୟ ୨୦୨୪- ସ୍ୱାଗତ ୨୦୨୫ । ସତରେ ଏଇ କିଛିଦିନ ହେଲା ବା କିଛି ବର୍ଷ ହେଲା ଦର୍ଶକ, ସମୀକ୍ଷକ, ନିନ୍ଦୁକ ଢୋଲ ପିଟୁଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ରରେ କପି ହେଉଛି, ଉତରା ସିନେମା ହେଉଛି ଇତ୍ୟାଦି ଇତ୍ୟାଦି । ଫଳ କ'ଣ ହେଲା, ଓଡ଼ିଆ ସିନେମାକୁ ଦର୍ଶକ ପ୍ରତ୍ୟାଖ୍ୟାନ କଲେ, ସିନେମା ହଲ୍‌କୁ ଯାଇ ଓଡ଼ିଆ ସିନେମା ଦେଖିବା ସଂପୂର୍ଣ୍ଣ ବନ୍ଦ କରିଦେଲେ । ସିନେମା ହଲ ବନ୍ଦ ହେଲା ଏବଂ ବିବାହ ମଣ୍ଡପ କିମ୍ବା ମଲ୍‌କୁ ରୂପାନ୍ତରିତ ହେଲା । ଠିକ୍ ଏତିକି ବେଳେ ୨୦୨୨ରେ 'ଦମନ' ଚଳଚ୍ଚିତ୍ର ଆସିଲା ଏବଂ ଭରପୂର ଦର୍ଶକୀୟ ସ୍ୱୀକୃତି ପାଇଲା । ଯୁବ ପ୍ରଯୋଜକ, ଯୁବ ନିର୍ଦ୍ଦେଶକମାନେ ନୂଆ ନୂଆ ଚିନ୍ତାଧାରା ସହିତ ଆଗେଇ ଆସିଲେ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ।





# ଓଡ଼ିଆ ଚଳଚ୍ଚିତ୍ରରେ ନୂତନ ସୂର୍ଯ୍ୟୋଦୟ



ବସନ୍ତ ସାହୁ

## ବାସ୍ତବଧର୍ମୀ କାହାଣୀକୁ ଆଦର

୨୦୨୩ ଏବଂ ୨୦୨୪ ମସିହାରେ ଅନେକ ନୂଆ ନୂଆ ପରିକଳ୍ପନାରେ ଓଡ଼ିଆ ସିନେମା ତିଆରି ହେଲା । ଆମେ ଏଠାରେ ସଫଳତା ଓ ବିଫଳତାର କାହାଣୀ କହିବାକୁ ଚାହୁଁନୁ, କିନ୍ତୁ ନୂଆ ନୂଆ ବିଷୟବସ୍ତୁ, ଓଡ଼ିଆ ଉପନ୍ୟାସ, ଓଡ଼ିଆ କାହାଣୀ, ବାସ୍ତବଧର୍ମୀ କାହାଣୀକୁ ନେଇ ଅନେକ ଚିଳଚ୍ଚିତ୍ର ନିର୍ମାଣ ହେଲା ଧୀରେ ଧୀରେ ଚିତ୍ର ସବୁର ଆଦର ଦର୍ଶକ କଲେ ଏବଂ ନୂତନ ସମ୍ଭାବନା ନେଇ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଆଗେଇ ଚାଲିଲା । ୨୦୨୩ରେ ଶଙ୍କର ତ୍ରିପାଠୀଙ୍କ 'ପୁଷ୍କରା'କୁ ପ୍ରେକ୍ଷାଳୟରେ ଦର୍ଶକ ଦେଖିଲେ, ସେଇ ୨୦୨୩ରେ 'ଫାଲଗୁନ ଚୈତ୍ର', 'ଶଳାବୁଢ଼ାର ବଦଲା', 'ଲଭ୍ ଇନ୍ ଲଣ୍ଡନ', 'ଗୁଡୁ ଗ୍ୟାଙ୍ଗଷ୍ଟାର', 'ମାଇଣ୍ଡ ଗେମ୍', 'କଟକ', 'ମାଲ୍ୟଗିରି', 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଇତ୍ୟାଦି ଚଳଚ୍ଚିତ୍ରକୁ ମଧ୍ୟ ଦର୍ଶକ ଦେଖିଲେ । ଆମ ନୂତନ ପ୍ରଯୋଜକ, ନିର୍ଦ୍ଦେଶକଙ୍କର ସାହସ ବଢ଼ିଲା । ୨୦୨୪ ମସିହାରେ ଓଡ଼ିଶା ଏବଂ ଓଡ଼ିଆ ଦର୍ଶକ ଅନେକ ନୂତନ ଧରଣର ଛବି ସହିତ ନୂଆ ପ୍ରଯୋଜକ, ନୂଆ ନିର୍ଦ୍ଦେଶକ, ନୂଆ ନୂଆ କଳାକାର, ସ୍ୱଳ୍ପ ବଜେଟର ଚଳଚ୍ଚିତ୍ର, ବହୁ ମୂଲ୍ୟର ବଜେଟର ଚଳଚ୍ଚିତ୍ର ସଫଳତା, ବିଫଳତା ଦେଖିବାକୁ ପାଇଲେ । ୨୦୨୫ ମସିହାରେ ଏହି ଧାରା ବଜାୟ ରହିବା ସହ ଏହି ପ୍ରକ୍ରିୟା ଆହୁରି ବ୍ୟାପକ ହେବ ବୋଲି ଆଶା ।

## ୨୦୨୪ର ଚର୍ଚ୍ଚିତ ସିନେମା

ଆମ୍ଭେ ଏଠାରେ ୨୦୨୪ର କିଛି ଚର୍ଚ୍ଚିତ ଚଳଚ୍ଚିତ୍ରର ସମ୍ୟକ୍ ବିବରଣୀ ଦେଉଛୁ । ୨୦୨୪ ଜାନୁଆରୀଠାରୁ ମାର୍ଚ୍ଚ ମଧ୍ୟରେ ୧୮ଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ତନ୍ମଧ୍ୟରୁ ସେପରି କିଛି ଚର୍ଚ୍ଚିତ ଚଳଚ୍ଚିତ୍ର ନଥିଲା ବେଳେ ଜୁନ୍ ମାସରେ ରଜ ଉପଲକ୍ଷେ ୩ଟି ଛବି ମୁକ୍ତିଲାଭ କରିଥିଲା । 'କୁହୁଡ଼ି', 'ପାବାର' ଏବଂ 'ଚନ୍ଦ୍ରବଂଶୀ' । 'କୁହୁଡ଼ି' ଏକ ଚମତ୍କାର କଥାବସ୍ତୁ ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ଅଭିନେତା ଅନୁଭବଙ୍କ ଅଭିନୟ ଯୋଗୁଁ ରଜ ବଜାରରେ ହଲ ମଧ୍ୟକୁ ଦର୍ଶକଙ୍କୁ ଆକର୍ଷିତ କରାଇପାରିଥିଲା । ସେହିପରି 'ଚନ୍ଦ୍ରବଂଶୀ' ଅନେକ କଳାକାରଙ୍କ ସମାରୋହରେ ଏକ ଭିନ୍ନ ଧରଣର ଛବି ହୋଇ ମଧ୍ୟ ଦର୍ଶକଙ୍କ ଉପରେ ସେତେଟା ପ୍ରଭାବ ପକାଇ ପାରିନଥିଲା । କିନ୍ତୁ ସୁପରଷ୍ଟାର୍ ବାବୁସାନ୍‌ଙ୍କ ଅଭିନୀତ 'ପାବାର' ବାଜିମାତ୍ କରିଥିଲା ସିନେମା ହଲରେ । ଗ୍ରାମ୍ୟ ରାଜନୀତିକୁ ନେଇ ଏକ ବ୍ୟଙ୍ଗାତ୍ମକ ଛବି ରୂପେ ଦର୍ଶକ ଏହାକୁ ବହୁତ ପ୍ରଶଂସା କରିଥିଲେ । ଚଳଚ୍ଚିତ୍ରଟି ବ୍ୟବସାୟିକ ସଫଳତା ମଧ୍ୟ ପାଇଥିଲା । ପରେ ପରେ ବହୁ ପ୍ରତୀକ୍ଷିତ 'ଆଇ ଲଭ୍ ୟୁ-୨' ରିଲିଜ୍ ହୋଇଥିଲେ ବି ଏହା 'ଆଇ ଲଭ୍ ୟୁ' ପରି ଦର୍ଶକୀୟ ସ୍ୱୀକୃତି ପାଇ ପାରିନ ଥିଲା । ଜୁଲାଇରେ 'ଭଗିଆ ଭାରିଜା' ଚଳଚ୍ଚିତ୍ର ମୁକ୍ତି ଲାଭ କରିଥିଲା । ଏହାର ନିର୍ଦ୍ଦେଶନା ଦେଇଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ହାସ୍ୟ କଳାକାର ହରିହର ମହାପାତ୍ର । ଏହା ଏକ ଗ୍ରାମ୍ୟ ସଂସ୍କୃତି ସହିତ ଜଡ଼ିତ କାହାଣୀ । କିପରି ଏକ ଗ୍ରାମ୍ୟବଧୂର ଉଚ୍ଚାଭିଳାଷ ପରିବାରକୁ ନଷ୍ଟ କରିଦେଉଛି, ତାହା ପ୍ରଦର୍ଶିତ ହୋଇଛି, ଏହି ଚଳଚ୍ଚିତ୍ରରେ । କାହାଣୀର ନୂତନତ୍ୱ ଓ ମୌଳିକତା ଥିଲେ ମଧ୍ୟ ତାହା ଲୋକପ୍ରିୟ ହୋଇପାରିନଥିଲା । ପରେ ପରେ ଏକ ସୁନ୍ଦର କାହାଣୀ ଥିବା ଚଳଚ୍ଚିତ୍ର 'ଆଶ୍ରମ'












## ନିନ୍ଦା କମ୍, ପ୍ରଶଂସା ବେଶୀ

ଚାହୁଁଚାହୁଁ ଆସିଗଲା ଦୁର୍ଗାପୂଜାର ମାହୋଲ। ଓଡ଼ିଶାର ବଡ଼ ପର୍ବ ଦୁର୍ଗାପୂଜାରେ ଓଡ଼ିଆ ଚଳଚ୍ଚିତ୍ରର ମୁକ୍ତିଲାଭ କିଛି ନୂଆ କଥା ନୁହେଁ, ଏମିତି କି ଏକା ସଙ୍ଗେ ତିନୋଟି ସିନେମା ମୁକ୍ତିଲାଭ ମଧ୍ୟ ନୂଆ କଥା ନୁହେଁ। ତେବେ ଓଡ଼ିଆ ଚଳଚ୍ଚିତ୍ରର ଘଡ଼ିସନ୍ଧି ମୁହୂର୍ତ୍ତରେ ତିନୋଟି ନୁହେଁ, ଚାରୋଟି ସିନେମା ମୁକ୍ତିଲାଭ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ଦଶହରାରେ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ତଥା ପ୍ରଯୋଜିତ ଅନୁଭବଙ୍କ ଅଭିନୀତ 'କର୍ମ', ଅର୍ଦ୍ଧେନ୍ଦୁଙ୍କ ମଲ୍ଟି ଷ୍ଟାରର ହାଇ ବଜେଟ୍ ଫିଲ୍ମ 'ଭିଲେନ୍', ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତକୁ ନେଇ 'ଖୋକା ଭାଇ ତମ ପାଇଁ', ପ୍ରୀତମ ସାହୁଙ୍କ 'ଦୁର୍ଗା' ଏବଂ ବିନି ପଟ୍ଟନାୟକଙ୍କ 'ସନମ ତୁ ସୁହାନା' ପ୍ରଭୃତି ଚିତ୍ର ମୁକ୍ତିଲାଭ କଲା। ଅନୁକୂଳ ପାଣିପାଗ, ହିନ୍ଦୀ ସିନେମାର ଅଭାବ ତଥା ହଶହରା ବଜାରରେ ଲୋକଙ୍କର ଅବା ଦର୍ଶକଙ୍କର ଉତ୍ସାହ ସବୁ ସିନେମାକୁ ସୁହାଇଲା। ବିଶେଷ କରି 'କର୍ମ' ଅପାର ସଫଳତା ପାଇଲା। ଦୀର୍ଘଦିନ ଧରି ଓଡ଼ିଆ ସିନେମା ବଜାରରେ ରାଜ୍ କରିଥିଲା 'କର୍ମ'। ଜଣେ ପୋଲିସ ଅଫିସର ଯିଏ କି ଜଣେ ଦକ୍ଷ ଅନୁସନ୍ଧାନକାରୀ ସେ ଅକସ୍ମାତ୍ ଏକ ପରିସ୍ଥିତିରେ ମଶାଣିରେ ରାତି ବିତାଇବାକୁ ବାଧ୍ୟ ହୁଅନ୍ତି ଏବଂ ସେଇ ମଶାଣିର ଜଗୁଆଳିର ଜୀବନ କାହାଣୀ ଏବଂ ପୋଲିସ୍ ଅଫିସର୍ଙ୍କ ଜୀବନ କାହାଣୀ ଉଭୟ ଏକ ରହସ୍ୟର ପ୍ରହେଳିକା ଭିତରେ ଗତି କରୁଥାଏ ଏବଂ ପରିଶେଷରେ ଦର୍ଶକ ଦେଖିପାରନ୍ତି ସମସ୍ତେ କିପରି ନିଜ କର୍ମ ଅନୁସାରେ ଫଳ ପାଆନ୍ତି। ସବୁ କଳାକାର ଏ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରିଥିଲେ। ବୈଷୟିକ ଦୃଷ୍ଟିରୁ ଅନେକ ଉଚ୍ଚକୋଟୀର ଛବିଟିଏ ହେଇଥିଲା। ଏହା ଏକ ସମ୍ପୂର୍ଣ୍ଣ ମନୋରଞ୍ଜନର ଗନ୍ତାଘର ଥିଲା। ଯାହାକୁ ଓଡ଼ିଶାର ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସବୁ ବର୍ଗର ଦର୍ଶକ ମନଭରି ଉପଭୋଗ କରିଥିଲେ। ପ୍ରଚୁର ବ୍ୟବସାୟିକ ସଫଳତା ସାଉଁଟିଥିଲା ଚଳଚ୍ଚିତ୍ର 'କର୍ମ'। ତା' ପଛକୁ ରହିଥିଲା ଚଳଚ୍ଚିତ୍ର 'ଖୋକା ଭାଇ ତମ ପାଇଁ'। ଖୁବ୍ ସୁନ୍ଦର ଫଟୋଗ୍ରାଫି, ଖୁବ୍ ସୁନ୍ଦର ଉପସ୍ଥାପନା, ଖୁବ୍ ସୁନ୍ଦର କଳା ନିର୍ଦ୍ଦେଶନା, ଖୁବ୍ ସୁନ୍ଦର ପାର୍ଶ୍ୱ ସଙ୍ଗୀତ ଏବଂ ସର୍ବୋତ୍ତମ ସଙ୍ଗୀତ ନିର୍ଦ୍ଦେଶନା। ଛବିଟି ଏକ ନିଛକ କାହାଣୀ ଉପରେ ଆଧାରିତ। ଦୁଇଟି ଭଉଣୀଙ୍କର ଭାବାବେଗକୁ ନେଇ କାହାଣୀଟି ଗତିଶୀଳ। ଗୋଟିଏ ଭଉଣୀର ପ୍ରେମ ଦିଗଟିକୁ ବଡ଼ ଭଉଣୀ ନୀରବରେ ସହିପାରେନି ଏବଂ ଅତି ଚମତ୍କାର ଢଙ୍ଗରେ ପ୍ରତିଶୋଧ ନେବାକୁ ଚେଷ୍ଟା କରେ ଅନେକ ରହସ୍ୟ, ରୋମାଞ୍ଚ ତଥା ଲୋମଟାଙ୍କୁରା ଶେଷ ଦୃଶ୍ୟ ଛବିଟିକୁ ସଫଳତା ଦେଇପାରିଥିଲା। ବିଶେଷ କରି କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତିଙ୍କ ବହୁ ଲୋକପ୍ରିୟ ଗୀତଗୁଡ଼ିକର ପୁନଃ ସଙ୍ଗୀତିକରଣ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ବକ୍ସ ଅଫିସ୍‌ରେ ମିଶ୍ରିତ ଫଳ ଦେଇଥିଲା 'ଖୋକା ଭାଇ ତମ ପାଇଁ'। ପରବର୍ତ୍ତୀ ଛବି 'ଦୁର୍ଗା'। ପୂଜା ବଜାରକୁ ଆଖି ଆଗରେ ରଖି ବହୁ ବ୍ୟୟରେ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ଦୁର୍ଗା'। ଏକ ନାରୀକୈନ୍ଦ୍ରିକ







ମୁକ୍ତିଲାଭ କରିଥିଲା। ୭୦ ବର୍ଷ ବୟସର ଜଣେ ଅବସରପ୍ରାପ୍ତ ଆଇଏଏସ୍ ଭଦ୍ର ମହିଳାଙ୍କ ମନସ୍ତାତ୍ତ୍ୱିକ କାହାଣୀ ହେଉଛି 'ଆଶ୍ରମ'। ସେ କିପରି ନିଜର ପୁରୁଣା କଥାର ସ୍ମୃତିକୁ ମନେ ପକାଇ ବର୍ତ୍ତମାନର ପରିସ୍ଥିତିକୁ ହୃଦୟଙ୍ଗମ କରି ସମାଜରେ ଅବହେଳିତ ବରିଷ୍ଠ ନାଗରିକମାନଙ୍କର ଆଶାର ଆଶ୍ରୟ ଭାବରେ ନିଜର ଘରଟିକୁ ଦାନ କରିଦିଅନ୍ତି, ତାହାକୁ ନେଇ ହିଁ ଆଶ୍ରମର କାହାଣୀ । ଉଚ୍ଚକୋଟୀର ଅଭିନୟ ତଥା ଗୀତ, ସଂଗୀତ ଏବଂ ସର୍ବୋପରି ଉଚ୍ଚମାନର ବୈଷୟିକ ପଦ୍ଧତି ମଧ୍ୟ ଛବିଟିକୁ ଲୋକପ୍ରିୟ କରାଇପାରିନଥିଲା। ସେହିପରି ଏକ ଭିନ୍ନ ଧରଣର ଚଳଚ୍ଚିତ୍ର 'ଆଭା' ମୁକ୍ତିଲାଭ କରିଥିଲେ ହେଁ ତାହା ଆଦୌ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିନଥିଲା। ଜଣେ ଦିବ୍ୟାଙ୍ଗ ଝିଅ ହୋଇ ଜନ୍ମ ନେଇଥିବାରୁ ସେ ପରିବାରରେ ବିଶେଷ କରି ତାକୁ ଜନ୍ମ ନେଇଥିବା ମା' ମଧ୍ୟ ଭଲ ପାଉ ନଥିଲା। ତେବେ ତା'ର ଭିତରେ ଥିବା ଅନ୍ତର୍ନିହିତ ଗୁଣ ଯୋଗୁଁ ସେ ଦିନେ ପ୍ରସିଦ୍ଧ କଳାକାର ରୂପେ ନିଜକୁ ପ୍ରମାଣିତ କରାଏ। ଚଳଚ୍ଚିତ୍ରଟି ଖୁବ୍ ମନଛୁଆଁ ହୋଇଥିଲେ ବି ସନେମା ହଲରେ ଭିଡ଼ ଜୁଟେଇ ପାରି ନପାରିବା ଏକ ଦୁଃଖଦ ଘଟଣା।





କାହାଣୀ 'ଦୁର୍ଗା'। ଦୁର୍ଗା ଚଳଚ୍ଚିତ୍ରଟିର ମୁକ୍ତିଲାଭ କରିବା ସମସ୍ୟା ଯୋଗୁଁ ଚଳଚ୍ଚିତ୍ରଟିର ବ୍ୟବସାୟିକ ସଫଳତା ସେତେ ଉତ୍ସାହଜନକ ନ ଥିଲା। ଚଳଚ୍ଚିତ୍ରଟି ଅନ୍ୟାନ୍ୟ ବୈଷୟିକ, ସଙ୍ଗୀତ ତଥା ସାମଗ୍ରିକ ଦୃଷ୍ଟିରୁ ଉତ୍ତମ ଥିଲା। ପରବର୍ତ୍ତୀ ପୂଜା ଆକର୍ଷଣ ଥିଲା 'ଭିଲେନ୍'। ଆଜିକାଲି ଓଡ଼ିଆ ଦର୍ଶକଙ୍କର ପସନ୍ଦ ହେଉଛି ଦକ୍ଷିଣ ଭାରତୀୟ ହିନ୍ଦୀ ଡବ୍ ଫିଲ୍ମ। ଓଡ଼ିଶାରେ ମୁକ୍ତିଲାଭ କରି ବହୁମାତ୍ରାରେ ଲୋକପ୍ରିୟତା ସାଉଁଟୁଛି। ସେହି ସବୁ ଚଳଚ୍ଚିତ୍ର ଯଥା ବାହୁବଳୀ, 'ଆର୍‌ଆର୍‌ଆର୍', 'କେଜିଏଫ୍', 'ପୁଷ୍ପା' ଇତ୍ୟାଦି ଇତ୍ୟାଦି। ଆମ 'ଭିଲେନ୍' ମଧ୍ୟ ସେହି ଧାରାର ଗୋଟିଏ ଛବି। ଏହା ଓଡ଼ିଆ ଭାଷାର ଏକ ବ୍ୟୟବହୁଳ ଛବି। ଯେକୌଣସି ସଫଳ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରକୁ ଟକ୍କର ଦେବା ଭଳି ଏହାର ନିର୍ମାଣ ଶୈଳୀ। ଆଜିକାଲି ରାଜନୀତିର ଗୋଳିଆ ପରିସ୍ଥିତିରେ ଜଣେ ନିରୀହ ଯୁବକ ରାଜନେତାମାନଙ୍କର ସଂସ୍ପର୍ଶରେ ଆସି ତାଙ୍କ ହାତବାରିସୀ ହୋଇ କାର୍ଯ୍ୟ କରେ, କିନ୍ତୁ ବଦଳରେ ସେ ସମାଜରେ ସବୁକିଛି ଦୂରେଇ ବସେ। ଦୁନିଆ ଆଖିରେ ସେ ହୋଇଯାଏ 'ଭିଲେନ୍'। ଏକ ଅତ୍ୟନ୍ତ ମାର୍ମିକ କାହାଣୀର ଚିତ୍ରରୂପ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲାବେଳେ ଏହାର ବ୍ୟୟବହୁଳ ନିର୍ମାଣ ଶୈଳୀ ଭଲ ଭଲ ଦକ୍ଷିଣ ଭାରତୀୟ ସିନେମାକୁ ପଛରେ ପକେଇ ଦେଇଥିଲା। ସବୁ ଦିଗରୁ ଚିତ୍ରଟି ବଡ଼ ବଜେଟ୍ ଧମାକା ଥିଲା। ଶେଷ ଛବି 'ସନମ ତୁ ସୁହାନା'ର ସମସ୍ତ ବିବରଣୀ ଉପରୋକ୍ତ ତିନୋଟି ଧମାକାଦାର ଚଳଚ୍ଚିତ୍ର ସାମ୍ନାରେ ଫିକା ପଡ଼ିଯାଇଥିଲା। ବର୍ଷ ୨୦୨୪ରେ ଶେଷ ଭାଗରେ ଯଦିଓ ଆଉ କିଛି ସିନେମା ମୁକ୍ତିଲାଭ କରିଥିଲା। କିନ୍ତୁ ଚଳଚ୍ଚିତ୍ର 'ପରବ'ଥିଲା ତନ୍ମଧ୍ୟରୁ ବହୁ ଚର୍ଚ୍ଚିତ। ପଥ ଦର୍ଶକ 'ଦମନ' ଚଳଚ୍ଚିତ୍ରର ପ୍ରଯୋଜକଙ୍କର ଏହା ଥିଲା ଦ୍ୱିତୀୟ ଚଳଚ୍ଚିତ୍ର। ଆଶାନୁରୂପ ଏହି ଚଳଚ୍ଚିତ୍ରଟିର ଚର୍ଚ୍ଚା ଅନେକ ଥିଲା। ମୁକ୍ତିଲାଭ ପୂର୍ବରୁ ପ୍ରଚାର, ପ୍ରସାର ମଧ୍ୟ ଅତି ଉଚ୍ଚମାନର ହୋଇଥିଲା। ଜାତୀୟସ୍ତରର ନିର୍ମାଣ ଶୈଳୀରେ ନିର୍ମାଣ ହୋଇଥିଲା ଚଳଚ୍ଚିତ୍ର 'ପରବ'। 'ପରବ'ର କାହାଣୀ ଏହି ପ୍ରକାର ଥିଲା, ପୂର୍ବରୁ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ କିପରି ସୀମା ବିବାଦ ରହିଥିଲା ଓ ଏହି ବିବାଦ ଉଭୟ ରାଜ୍ୟବାସୀଙ୍କୁ କିଭଳି ଅସୁବିଧାରେ ପକାଉଥିଲା। ତାହାକୁ ଫର୍ଦ୍ଦାନୁପୁଙ୍ଖ ଭାବରେ 'ପରବ' ଚିତ୍ରରେ ଚିତ୍ରଣ କରାଯାଇଛି, ଉଚ୍ଚକୋଟୀର ଅଭିନୟ, ଚମତ୍କାର ଫଟୋଗ୍ରାଫି, ବଳିଷ୍ଠ ଚିତ୍ରନାଟ୍ୟ ଓ ସଂଳାପ 'ପରବ'କୁ ଋଦ୍ଧିମନ୍ତ କରିଥିଲା ସଂପ୍ରତି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଚାଲୁଥିବାରୁ ଏହାର ବ୍ୟବସାୟିକ ଆକଳନ ସମ୍ଭବ ନୁହେଁ।



ମୋଟାମୋଟି କହିବାକୁ ଗଲେ ୨୦୨୪ ଓଡ଼ିଆ ଚଳଚ୍ଚିତ୍ର ଅନୁଭୂତି ସୁଖଦ। ଓଡ଼ିଆ ଚଳଚ୍ଚିତ୍ରର ନିନ୍ଦା କମ୍ ପ୍ରଶଂସା ବେଶୀ। ଅନେକ ସଫଳ ଚଳଚ୍ଚିତ୍ରର ଆବିର୍ଭାବ ପ୍ରତ୍ୟେକ ଦର୍ଶକଙ୍କୁ ବାନ୍ଧି ରଖିବାର ସକ୍ଷମ ହୋଇପାରିଛି। ଦର୍ଶକ ପୁଣିଥରେ ହଲମୁହାଁ ହେଉଛନ୍ତି। ପତର ଫାଙ୍କରେ ସୂର୍ଯ୍ୟ ଦେଖାଯାଉଥିବା ଭଳି ଓଡ଼ିଆ ଚଳଚ୍ଚିତ୍ର ଆକାଶରେ ସଫଳତା ସୂର୍ଯ୍ୟ କିଞ୍ଚିତ୍ ମାତ୍ରାରେ ଦେଖାଯାଇଛି। ପ୍ରତ୍ୟେକ ପ୍ରଯୋଜକ, ନିର୍ଦ୍ଦେଶକ ଆଶାବାଦୀ ହୋଇପଡ଼ିଛନ୍ତି।

## ପାରିବାରିକ କାହାଣୀ




୨୦୨୪ର ବିଦାୟ ପରେ ଦର୍ଶକ ଆହୁରି ଅଧିକ ଆଶା କରୁଛନ୍ତି ବର୍ଷ ୨୦୨୫ରେ। ଆଶା ଅନୁଯାୟୀ ୨୦୨୫ ଆରମ୍ଭରେ ପ୍ରଥମ ଚଳଚ୍ଚିତ୍ର 'ୱାଇଫ୍', ଯାହାକି ବର୍ଷୀୟାନ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମାନସ ସନ୍ତାନ ମୁକ୍ତିଲାଭ କଲା ଏବଂ ଏହି ଚଳଚ୍ଚିତ୍ରରୁ ୨୦୨୫ ଆରମ୍ଭ ହୋଇଥିଲା। ଚଳଚ୍ଚିତ୍ରର କାହାଣୀଟି ଏହିପରି ଥିଲା। ଆଜିର ସମାଜରେ ବୈବାହିକ ସମ୍ପର୍କର ପରିଭାଷା ବଦଳି ଯାଇଛି। ୱାଇଫ୍‌ର ହସ, ଖୁସି, ତ୍ୟାଗ, ବଳିଦାନର ମୂକସାକ୍ଷୀ ହେଉଛନ୍ତି ଭଗବାନ। ସମାଜରେ ହସ୍ତଗଣ୍ଠି ପଡ଼ି, ଅଗ୍ନିକୁ ସାକ୍ଷୀ ରଖି ପରସ୍ପରକୁ ସ୍ୱାମୀସ୍ତ୍ରୀ ରୂପେ ଗ୍ରହଣ କରିବା ପରେ ବି କ'ଣ ୱାଇଫ୍‌ଟିଏ ସୁରକ୍ଷିତ ରହିପାରେ? ତ'କୁ ସାତଜନ୍ମ ପାଇଁ ଆଦରି ନେଇଥିବା ପୁରୁଷଟିଏ କ'ଣ ତା'କୁ ସୁରକ୍ଷିତ ରଖିପାରେ ନା ପ୍ରତ୍ୟାଖ୍ୟାନ ବି କରିପାରେ? ଏଭଳି ଏକ ବିଚିତ୍ର ପରିସ୍ଥିତିକୁ ଦର୍ଶାଇଛି 'ୱାଇଫ୍'। ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଚାଲୁଥିବାରୁ ତାହାର ବ୍ୟବସାୟିକ ସଫଳତା ଆକଳନ କରି ହେବନି।

## ଚଳଚ୍ଚିତ୍ରରେ ପରମ୍ପରାକୁ ବଞ୍ଚାଇବାର ପ୍ରୟାସ

ଏବେ ଆଉ ଏକ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରଙ୍ଗଶୁର' ମଧ୍ୟ ପ୍ରେକ୍ଷାଳୟକୁ ଆସିଛି। ଓଡ଼ିଶାର ଏକ ଲୋକନୃତ୍ୟ ବାଘ ନାଚ ଉପରେ କାହାଣୀଟି ପର୍ଯ୍ୟବସିତ। 'ରଙ୍ଗଶୁର'ର ଅର୍ଥ ହେଉଛି 'ରଙ୍ଗର ବୀର।' ବାଘ ନାଚ ଏକ ପୁରୁଷ ପ୍ରାଧାନ୍ୟ ନାଚ। ପାହାଡ଼ର ପାଦ ତଳେ ଏକ ଛୋଟିଆ ଗାଁରେ




ଥିବା ମା' ଦୁର୍ଗା ଠାକୁରାଣୀଙ୍କ ସମ୍ମୁଖରେ ପିଢ଼ି ପିଢ଼ି ନାଚି ଆସୁଥିବା ଏହି ଲୋକନୃତ୍ୟଟି କ'ଣ 'ଘନିଆ' ପରେ ବୁଡ଼ିଯିବ। କାରଣ ତା'ର କେବଳ ଗୋଟିଏ ଝିଅ ଥାଏ 'ଚିତ୍ରା'। ଚିତ୍ରା ବଡ଼ ହେବା ସହିତ ବାପା ଘନିଆର ମନକଥା ଜାଣିପାରି ନିଜକୁ ତିଆରି କରେ ବାଘ ନାଚ କରିବା ପାଇଁ। କିନ୍ତୁ ଏକ ପୁରୁଷ ପ୍ରାଧାନ୍ୟ ନାଚ ନାଚିବା ପାଇଁ ଜଣେ ସ୍ତ୍ରୀକୁ କ'ଣ ଗାଁ ଲୋକେ ଅନୁମତି ଦିଅନ୍ତି? ଚିତ୍ରା ସମାଜ ଆଉ ପଞ୍ଚାୟତର ବାରଣ ସତ୍ତ୍ୱେ ବାଘ ନାଚ କରେ। ତା' ସହିତ ତା'ର ଜଙ୍ଗଲ ପ୍ରତି ଥିବା ପ୍ରେମ ଏବଂ ଜଙ୍ଗଲ କିପରି ବଞ୍ଚିବ, ବାଘ କିପରି ବଞ୍ଚିବ ତା' ପ୍ରତି ଧ୍ୟାନ ଦିଏ। ଏଭଳି ଏକ ଅଲୌକିକ କାହାଣୀ, ନୂଆ ଚିନ୍ତାଧାରା ସହିତ ଆସିଛି 'ରଙ୍ଗଶୁର'। ଯାହାକି ଏକ ବଡ଼ ବଜେଟ୍‌ର ଛବି ଏବଂ ସମସ୍ତ ବୈଷୟିକ ଦିଗ ପ୍ରତି ପ୍ରଚୁର ଧ୍ୟାନ ଦିଆଯାଇଛି।

## ମୁକ୍ତିଲାଭ ଅପେକ୍ଷା ଚର୍ଚ୍ଚିତ ଚଳଚ୍ଚିତ୍ର

୨୦୨୫ରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବ ଏକ ବହୁ ଚର୍ଚ୍ଚିତ 'ରାଣ୍ଡୀ ପୁଅ ଅନନ୍ତା।' ଓଡ଼ିଶାର ପ୍ରଖ୍ୟାତ ଔପନ୍ୟାସିକ ବ୍ୟାସ କବି ଫକୀରମୋହନ ସେନାପତିଙ୍କର କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା'ର ଏହା ଚିତ୍ରରୂପ। ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ପ୍ରଯୋଜନା ତଥା ନିର୍ଦ୍ଦେଶନା ଏବଂ ସବ୍ୟସାଚୀଙ୍କ ଅଭିନୟ ଚିଳଚ୍ଚିତ୍ରଟିକୁ ନିଶ୍ଚୟ ସଫଳ କରାଇବ। ଆଉ ଏକ ଛବି 'ଆଜିର ଦେବତା' ମଧ୍ୟ ୨୦୨୫ରେ ମୁକ୍ତିଲାଭ କରିବ। ନିର୍ଦ୍ଦେଶକ ହେଲେ 'ପୁଷ୍କରା' ଖ୍ୟାତ ଶୁଭ୍ରାଂଶୁ ଦାସ। ଏହା ନାରୀ ଶକ୍ତିର ପ୍ରତୀକ ଏବଂ ନାରୀ କେନ୍ଦ୍ରିକ କାହାଣୀ। ଅନୁପମ ପଟ୍ଟନାୟକଙ୍କ ଅନୁଭବଙ୍କ ଅଭିନୀତ 'ରାବଣ', ବାବୁସାନ୍‌ଙ୍କ ଅଭିନୀତ 'ଅନ୍ତର୍ଯ୍ୟାମୀ', ଏକ ସଙ୍ଗରେ ୫ଟି ଭାଷାରେ ନିର୍ମିତ ହେଉଛି 'ଘମାଘୋଟ'। ଏହା ଏକ ଯୁବ ଚଳଚ୍ଚିତ୍ର ଯେଉଁଥିରେ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି କଳାକାର ଯାଏ ସମସ୍ତେ ଆଜିକା ପିଢ଼ିର ଯୁବକ, ଏକ ଅପୂର୍ବ ଶିରୋନାମାରେ ଆଉ ଏକ ଛବି ହେଉଛି 'କେସ୍ ୧୮'। ଯୁବ ଏବଂ ଦକ୍ଷ ନିର୍ଦ୍ଦେଶକ ରାଜେନ୍ଦ୍ର ମହନ୍ତଙ୍କ ନିର୍ଦ୍ଦେଶନା ଏବଂ ମିହିର ଦାସଙ୍କ ସୁପୁତ୍ର ଅମ୍ଳାନଙ୍କ ଅଭିନୀତ ଏକ ସତ୍ୟ ଘଟଣା ଉପରେ ଆଧାରିତ ସିନେମା। ପ୍ରସିଦ୍ଧ ଲେଖକ, ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଗଳ୍ପ ଉପରେ ଆଧାରିତ ଏବଂ ପୁରୀ ଶ୍ରୀମନ୍ଦିରର କୁଡୁଆ ସେବକମାନଙ୍କ କାହାଣୀ ଉପରେ ପର୍ଯ୍ୟବସିତ 'ଗଣ୍ଡ ଭୈରବ' ଏକ ଭିନ୍ନ ଧରଣର ଚଳଚ୍ଚିତ୍ର ରୂପେ ଉଭା ହେବ ବୋଲି ଆଶା। ନୂଆବର୍ଷରେ ଆଉ ଏକ ମୌଳିକ ସିନେମା 'ଦେବକନ୍ୟା' ମଧ୍ୟ ସୁଟିଂ ଫ୍ଲୋରରେ ପ୍ରସ୍ତୁତ ହେଉଛି। ଏକ ନିଆରା କାହାଣୀକୁ ନେଇ ନିର୍ମିତ 'ଦେବକନ୍ୟା' ନିଶ୍ଚିତ ସଫଳତାର ସ୍ୱାଦ ଚାଖିବ ବୋଲି ବିଶ୍ୱାସ, ଆହୁରି ମଧ୍ୟ ଅନେକ ନୂଆ ନୂଆ ଛବି ନିର୍ମାଣ ୨୦୨୫ ପାଇଁ ଜାରି ରହିଛି ଏବଂ ୨୦୨୫ରେ ମୁକ୍ତି ଲାଭ କରିବ।













ଧୀରେ ଧୀରେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆ ଆକାଶରୁ କଳାବାଦଲ ଅପସରି ଯାଉଛି ଏବଂ ନୂତନ ସୂର୍ଯ୍ୟ ଦୀପ୍ତିମାନ ହୋଇ ଉଠିଲାଣି। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଆଗକୁ ଓଡ଼ିଆ ସିନେମା ଆହୁରି ଦୀପ୍ତିମୟ ହୋଇଉଠୁ। ■

ସିନେ ନିର୍ଦ୍ଦେଶକ, ତୁଳସୀପୁର, କଟକ









# ଓଡ଼ିଆ ସିନେମା ପଚିଶରେ ପଞ୍ଚନାମା



ପ୍ରିୟବ୍ରତ ପଣ୍ଡା

ଓଡ଼ିଆ ସିନେମା ପାଇଁ ଚବିଶରେ ଚମକ ଯେତିକି ଥିଲା, ତାଠୁ ଅଧିକ ଥିଲା ଚର୍ଚ୍ଚା । ବିବାଦ ତ ବହୁତ ଥିଲା, ଖୁସିରେ ବିଭୋର ହେବାର ଭାବ ବି କିଛି କାମ ନଥିଲା । ଅନେକ ବର୍ଷ ପରେ ଗତ ଦଶହରାରେ ପୁଣି ଥରେ ଦେଖିବାକୁ ମିଳିଲା ଓଡ଼ିଆ ସିନେମାର ରାଜୁତି, ଏମିତି ମନେହେଲା ଯେମିତି ଆମ ସିନେମା ପୁଣି କଡ଼ ଲେଉଟେଇଲା, ଯୋଉ ଯୁବପିଢ଼ି ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଇଛନ୍ତି ବୋଲି ଚର୍ଚ୍ଚା ହେଉଥିଲା, ସେଇ ଯୁବପିଢ଼ି ପୁଣି ପ୍ରମାଣିତ କଲେ ଯେ, ନିଜ ଭାଷାର ସିନେମା ପ୍ରତି ସେମାନଙ୍କର ଆଗ୍ରହ କେତେ! ସୀମିତ ପ୍ରେକ୍ଷାଳୟ ସତ୍ତ୍ୱେ ବି 'କର୍ମ'ର ବ୍ୟବସାୟ କେବଳ ଯେ ଇତିହାସ ସୃଷ୍ଟି କଲା ତାହା ନୁହଁ, ବରଂ ପ୍ରଯୋଜକମାନଙ୍କର ମରି ଯାଉଥିବା ଆଶାରେ ପୁଣି ପ୍ରାଣସଂଚାର କରିଲା ।

## ଭିନ୍ନ ଧରଣର ସିନେମା

ଗତାନୁଗତିକ ଧାରାରୁ ବାହାରି ଗତ ଦଶହରାରେ ଚାରୋଟି ଭିନ୍ନ ଧରଣର ସିନେମା ପ୍ରେକ୍ଷାଳୟକୁ ଆସିଥିଲା । ଅନୁଭବ-ସୂର୍ଯ୍ୟମୟୀଙ୍କ 'କର୍ମ', ଅର୍ଦ୍ଧେନ୍ଦୁ-ତମ୍ମନାଙ୍କ 'ଭିଲେନ୍', ସ୍ୱରାଜ-ଉପାସନାଙ୍କ 'ଖୋକାଭାଇ ତମ ପାଇଁ', ରାଜ୍ ରାଜେଶ, ଅଭିଷେକ ଓ ପୁନମ୍ ଅଭିନୀତ 'ଦୁର୍ଗା' । କର୍ମକୁ ସର୍ବାଧିକ ବ୍ୟବସାୟିକ ସଫଳତା ମିଳିଥିଲେ ବି, ଅକ୍ଷୟ ମହାନ୍ତିଙ୍କ ଚିର ସବୁଜ ଗୀତକୁ ନେଇ 'ଖୋକାଭାଇ ତମ ପାଇଁ'ର ସୃଜନଶୀଳ ପରିବେଷଣ କେବଳ ଯୁବପିଢ଼ି ନୁହଁ, ବରଂ ସବୁ ବର୍ଗର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ହାଇ ଆକ୍ସନ ଡ୍ରାମା ଭିଲେନ୍ ତଥା ନାରୀ କୈନ୍ଦ୍ରିକ ସାମାଜିକ କାହାଣୀକୁ ନେଇ 'ଦୁର୍ଗା' ମଧ୍ୟ ପୂଜା ବଜାରରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିବାରେ ସକ୍ଷମ ହୋଇଥିଲେ ।

ଦିନ ଥିଲା, ଓଡ଼ିଆ ସିନେମାର ଋତୁ କହିଲେ ରଥଯାତ୍ରା, ରଜ, ଦଶହରାକୁ ବୁଝାଉଥିଲା, କିନ୍ତୁ ଏବେ ବର୍ଷ ସାରା ଓଡ଼ିଆ ସିନେମାର ଋତୁ । ଦର୍ଶକଙ୍କ ରୁଚିକୁ ଗୁରୁତ୍ୱ ଦେଇ ଅନେକ ଭଲ ସିନେମା ପାର୍ବଣ ଭିଡ଼ରେ ନଆସି ବରଂ ଫାଙ୍କା ସମୟରେ ଆସିବାକୁ ବେଶୀ ପସନ୍ଦ କରୁଛନ୍ତି । ଏଇ ଯେମିତି ବର୍ଷ ଶେଷରେ ପରଦାକୁ ଆସିଥିଲା ସିଦ୍ଧାନ୍ତ ଅନୁ ଚୌଧୁରୀଙ୍କ ଅଭିନୀତ 'ପରବ' । ଓଡ଼ିଶା ସୀମାନ୍ତର ଜନଜୀବନ ସହ ଘଟୁଥିବା ଘଟଣାକୁ ନେଇ ନିର୍ମାଣ ହୋଇଥିବା ଏହି କାହାଣୀ, ଯାହାକୁ କି ଦର୍ଶକ, ସମାଲୋଚକ, ସମୀକ୍ଷକ ସମସ୍ତେ ପ୍ରଶଂସା କରିଥିଲେ, ଏବେ ବି କରୁଛନ୍ତି ।

## ଟିଭି ପରଦାରେ ସିନେମାର ସଫଳତା

ବର୍ଷ ତମାମ ବିଭିନ୍ନ ଘଟଣା, ଦୁର୍ଘଟଣା, ବାଦ, ବିବାଦ, ଅପବାଦ ଭିତରେ ଓଡ଼ିଆ ସିନେମା ଛନ୍ଦି ହୋଇଥିଲେ ବି ଏ ବର୍ଷ ବଡ଼ ପରଦା ତୁଳନାରେ ଛୋଟ ପରଦାରେ ନିର୍ମାଣ ହୋଇଥିବା ସିନେମାର ସଂଖ୍ୟା ବେଶ୍ ଉତ୍ସାହଜନକ । ୨୦୨୪ ମସିହାରେ ପରଦାକୁ ଆସିଛି ୮୪ଟି ସିନେମା, ଯାହା ପ୍ରମାଣ କରେ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ଆଗ୍ରହ ଆଉ ଆଦୃତି । ଯଦିଓ ବିଭିନ୍ନ ବୈଷୟିକ କାରଣ ପାଇଁ ଅନେକ ସିନେମା ବଡ଼ ପରଦାରେ ବ୍ୟବସାୟିକ ସଫଳତା ହାସଲ କରି ପାରିନାହିଁ, କିନ୍ତୁ ଟିଭି ପରଦାରେ ସେଇ ସବୁ ସିନେମାର ସଫଳତା ପ୍ରମାଣ କରୁଛି ଯେ, ଓଡ଼ିଆ ସିନେମାର ଆଗାମୀ ସକାଳ ସମ୍ଭାବନାମୟ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କାରଣରୁ ସିନେମା ଦେଖିବାର ମାଧ୍ୟମ ବଦଳିଛି, ତା' ସହିତ ବି ବଢ଼ିଛି ଓଡ଼ିଆ ସିନେମା ଦେଖୁଥିବା ଓଡ଼ିଆ ଦର୍ଶକଙ୍କ ସଂଖ୍ୟା । ବଡ଼ ପରଦାରେ ସିନେମା ଦେଖିବା ତୁଳନାରେ ଘରେ ବସି ଟିଭି ପରଦାରେ ସିନେମା ଦେଖିବାକୁ ବେଶି ପ୍ରାଥମିକତା ଦେଉଛନ୍ତି ଆମ ଦର୍ଶକ ।






## ୨୦୨୫ରେ ନୂଆ ଚମକ

ନିକଟ ଭବିଷ୍ୟତରେ ପରଦାକୁ ଆସୁଥିବା ଓଡ଼ିଆ ସିନେମାର ତାଲିକା ଦେଖିଲେ ମନ କହୁଛି ଚବିଶର ଚମକକୁ ପଚିଶ ଆଉ ପାଦେ ଆଗକୁ ନେଇଯିବ ନିଶ୍ଚୟ। ଏବେ ଏବେ ମୁକ୍ତିଲାଭ କରିଥିବା 'ରଙ୍ଗଶୁର' ଏହାର ସବୁଠୁ ବଡ଼ ଉଦାହରଣ। ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ବାଘନାଚକୁ ନେଇ ନିର୍ଦ୍ଦେଶକ ପ୍ରତାପ ରାଉତ ନିର୍ମାଣ କରିଥିବା ଏହି ସିନେମାଟି ଚର୍ଚ୍ଚା ସାଉଁଟିବା ସହ ଓଡ଼ିଆ ସିନେମା ପାଇଁ ଏକ ନୂଆ ରାସ୍ତା ଫିଟାଇବ ବୋଲି ଆଶା କରିବା।

ନିକଟ ଭବିଷ୍ୟତରେ ପରଦାକୁ ଆସିବ ଅମ୍ଲାନ-ଦିବ୍ୟାଙ୍କ ଅଭିନୀତ ସିନେମା 'ଭାଇ' ଏବଂ ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଅବସରରେ ମୁକ୍ତିଲାଭ କରିବ ଅର୍ଚ୍ଚିତାଙ୍କ ଅଭିନୀତ 'ପାଦେ ଆକାଶ', ଯେଉଁଥିରେ ଦର୍ଶକ ଦେଖିବାକୁ ପାଇବେ ଓଡ଼ିଆ ଝିଅ ଶ୍ରୁତି ମହାପାତ୍ରଙ୍କ ସଂଘର୍ଷମୟ ଜୀବନର କାହାଣୀ। ପାଦେ ଆକାଶ ଆଗାମୀ ଦିନରେ ଅଧିକରୁ ଅଧିକ ବାୟୋପିକ୍ ନିର୍ମାଣ ପାଇଁ ପାଦ ବଢ଼େଇବାକୁ ପ୍ରେରଣା ଆଉ ସାହସ ଦବ ନିଶ୍ଚୟ। ଦିନ ଥିଲା ଓଡ଼ିଆ ସିନେମାର ପରଦା ଓଡ଼ିଆ ସାହିତ୍ୟକୁ ନେଇ ଋଦ୍ଧିମନ୍ତ ଥିଲା, କିନ୍ତୁ ବିଗତ ଦୁଇ ଦଶନ୍ଧି ଧରି ଯେମିତି ଆମ ସିନେମା ଆମ ସାହିତ୍ୟଠୁ ନିଜକୁ ଦୂରେଇ ରଖିଥିଲା। ତେବେ ଆନନ୍ଦର କଥା ଯେ, କୋଭିଡ୍ ପରେ ପୁଣି ଥରେ ଓଡ଼ିଆ ସାହିତ୍ୟ ସିନେମାରେ ନିଜର ଆଧିପତ୍ୟ ଜାହିର କରିବା ଆରମ୍ଭ କରିଛି। ନିର୍ମାଣ ହୋଇଛି 'ପୁଷ୍କରା', 'ପ୍ରତୀକ୍ଷା', 'ଭୋଟ୍' ଭଳି ଅନେକ ସହିତ୍ୟଧର୍ମୀ ସିନେମା। ଏଇ ପଚିଶରେ ମଧ ଦେଖିବାକୁ ମିଳିବ ସିନେମା ଆଉ ସାହିତ୍ୟର ଯୁଗଳବନ୍ଦୀ। ମୁକ୍ତିଲାଭ କରିବ ବଦ୍ରି ମିଶ୍ରଙ୍କ କାହାଣୀକୁ ନେଇ ଶୀତଲଙ୍କ ଅଭିନୀତ 'ଆଜିର ରେବତୀ'। ଶଙ୍କର ତ୍ରିପାଠୀଙ୍କ ତିନୋଟି ଉପନ୍ୟାସକୁ ନେଇ ସୁଧାଂଶୁ ସାହୁ ନିର୍ଦ୍ଦେଶିତ 'ଗଣ୍ଡ ଭୈରବ', ରାସେଶ ମହାନ୍ତି ନିର୍ଦ୍ଦେଶିତ 'ଦେବକନ୍ୟା' ଓ ଶ୍ରୀଜଗନ୍ନାଥଙ୍କ କାହାଣୀ 'ନବକଳେବର'। ସମ୍ଭାବ୍ୟ ତାଲିକାକୁ ଦେଖିଲେ ଏ ବର୍ଷ ଉତ୍ସବରେ ସିନେମା ନୁହଁ ବରଂ ସିନେମାର ଉତ୍ସବ ପାଳନ ହେବାକୁ ଯାଉଛି କହିଲେ ଭୁଲ୍ ହବନି। 'ଦଶମ'ର ସଫଳତା ପରେ ଆସିବ ରାଜା ଡି.ଙ୍କ 'ଏଗାର', ପୃଥ୍ୱୀରାଜଙ୍କ 'ଘମାଘୋଟ୍', ଅଶୋକ ପତିଙ୍କ 'ଲଢ଼େଇ', ଅଜୟ ପାଢ଼ୀଙ୍କ 'ବିଗୁଲ୍ ୨', ଅଶ୍ୱିନୀ ତ୍ରିପାଠୀଙ୍କ 'ଡେଲିଭରି ବୟ ୨', ଆକାଶଙ୍କ 'ଜୟ ହିନ୍ଦ୍', ସୁଧାଂଶୁ ସାହୁଙ୍କ 'କଟକ ୨', 'ସତ୍ୟ ପଥେ', ମୃତ୍ୟୁଞ୍ଜୟ ସାହୁଙ୍କ 'ସାପ ଶିଡ଼ି', 'ସ୍ୱୟଂବର', ଏବଂ ଅନୁଭବ ଆଉ ଅନୁପମଙ୍କ ଯୋଡ଼ିରେ 'ରାବଣ'। ବାବୁସାନଙ୍କ 'ବୋଉ ବୁଝୁ ଭୂତ' ଓ ସବ୍ୟସାଚୀଙ୍କ 'ରାଣ୍ଡୀ ପୁଅ ଅନନ୍ତା'।


ଶ୍ରୁତି ମହାପାତ୍ର





### ଅପବାଦରୁ ମିଳିବ ମୁକ୍ତି

ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହା ସ୍ପଷ୍ଟ ଯେ ପଚିଶରେ ପଚାଶରୁ ଅଧିକ ସିନେମା ବଡ଼ ପରଦାରେ ମୁକ୍ତିଲାଭ କରିବ। ବରିଷ୍ଠଙ୍କ ସହ ପୁଣି ଯୋଡ଼ି ହେବେ ଅନେକ କନିଷ୍ଠ ଓ ନବାଗତ। ସବୁଠୁ ବଡ଼ କଥା ହେବ ଅନେକ ଦିନ ଧରି ଆମ ସିନେମା ଯେଉଁ କପି, ଚୋରି, ରିମେକ୍ ଆଦି ଅପବାଦର ବୋଝ ମୁଣ୍ଡେଇ ଚାଲିଥିଲା ସେଥିରୁ ଆମକୁ ଅନେକାଂଶରେ ମୁକ୍ତି ମିଳିବ, କାହିଁକି ନା ଏହି ବର୍ଷର ତାଲିକାରେ ମୌଳିକ କାହାଣୀର ସଂଖ୍ୟା ଢେର୍ ବେଶୀ। ଏହା ଯେତିକି ଆନନ୍ଦର ବିଷୟ ସେତିକି ଆଲୋଚନାର ବିଷୟ ମଧ୍ୟ। କାରଣ ରିମେକ୍ ତୁଳନାରେ ମୌଳିକ ସିନେମା ନିର୍ମାଣ କରିବା ଯେତିକି ବ୍ୟୟବହୁଳ ସେତିକି ସମୟ ସାପେକ୍ଷ। ସେହି ତୁଳନାରେ ଓଡ଼ିଆ ସିନେମାରୁ ହେଉଥିବା ଆୟ ଏବଂ ସିନେମା ନିର୍ମାଣରେ ଜଡ଼ିତ ଥିବା ନିର୍ଦ୍ଦେଶକ, ଲେଖକ, ସଙ୍ଗୀତକାର ଓ ଅନ୍ୟମାନଙ୍କର ପାରିଶ୍ରମିକ ଯଥେଷ୍ଟ କମ୍, ତେଣୁ ଏହା ଭଲ ମୌଳିକ ସିନେମା ନିର୍ମାଣ ପାଇଁ ସବୁଠୁ ବଡ଼ ପ୍ରତିବନ୍ଧକ। ଏତେ ସବୁ ସମସ୍ୟା, ଉପଯୁକ୍ତ ସାଧନର ଅଭାବ ଓ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ବି ଆମ ନିର୍ମାତାମାନେ ଆମ ସିନେମାକୁ ଆଗକୁ ନେବାକୁ ସ୍ୱପ୍ନ ଦେଖିଛନ୍ତି, ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ଉଚିତ। ଏଥି ସହିତ ସିନେମାର ବିତରଣ ତଥା ସ୍ୱଳ୍ପସଂଖ୍ୟକ ପ୍ରେକ୍ଷାଳୟ ଆଜିର ଦିନରେ ଆମ ସିନେମା ପାଇଁ ସବୁଠୁ ବଡ଼ ଆହ୍ୱାନ। ଏଭଳି ପରିସ୍ଥିତିରେ ବ୍ୟୟବହୁଳ ସିନେମା ନିର୍ମାଣ କରି କ୍ଷତି ସହିବା ଅପେକ୍ଷା ସ୍ୱଳ୍ପ ବ୍ୟୟରେ ପ୍ରସ୍ତୁତ ହେଇ ପାରୁଥିବା ଭଲ କାହାଣୀ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯୁବପିଢ଼ିଙ୍କୁ ଆମ ସିନେମା ଆଡ଼କୁ ଆକୃଷ୍ଟ କରିବାକୁ ହେଲେ, ଆମ ସିନେମା ଶିଳ୍ପରେ ଅଧିକରୁ ଅଧିକ ଯୁବ ନିର୍ମାତାମାନଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି। ଭଲ କାହାଣୀ ଓ ଚିତ୍ରନାଟ୍ୟ ଭଲ ସିନେମାର ମେରୁଦଣ୍ଡ। ତେଣୁ ଯୁବ ସିନେମା ଲେଖକ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ସମୟ ଦ୍ରୁତ ଗତିରେ ବଦଳୁଛି ସମୟ ସହ ତାଳ ଦେଇ ଚାଲିବା ପାଇଁ ଅଭିନେତାଅଭିନେତ୍ରୀଙ୍କଠୁ ନେଇ ସିନେମା ସହ ଜଡ଼ିତ ପ୍ରତିଟି ବିଭାଗର ବ୍ୟକ୍ତି ବିଶେଷଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପର୍ଯ୍ୟବେକ୍ଷଣର ଆବଶ୍ୟକତା ରହିଛି। ଓଡ଼ିଆ ଦର୍ଶକଙ୍କର ଓଡ଼ିଆ ସିନେମା ପ୍ରତି ଫେରିଥିବା ବିଶ୍ୱାସକୁ ବଜାୟ ରଖିବାର ଆବଶ୍ୟକତା ଅଛି। ସବୁଠୁ ବଡ଼ କଥା, ସଫଳ ସିନେମା ନିର୍ମାଣ କରିବା ପାଇଁ ସୁସ୍ଥ ଆଉ ସଫା ମାନସିକତାର ଆବଶ୍ୟକତା ରହିଛି।

ଇତିହାସ ସାକ୍ଷୀ ଅଛି ସିନେମାର ଇତିହାସ ସିନେମା ହିଁ ଲେଖେ। ଆଶା ଓ ବିଶ୍ୱାସ ଏହି ବର୍ଷ ଓଡ଼ିଆ ସିନେମା ଇତିହାସର ଏକ ସଫଳ ଓ ଚର୍ଚ୍ଚିତ ବର୍ଷ ହବ। ■

ମୋ: ୯୮୫୩୧୯୪୬୦୦



## ଭିନ୍ନ କାହାଣୀ, ଭିନ୍ନ ସ୍ୱାଦ

### ଓଡ଼ିଆ ସିନେମା ଧାରାରେ ପରିବର୍ତ୍ତନର ଆଭାସ

# ଓଡ଼ିଆ ସିନେମାରେ ସଫଳତା ଓ ସମ୍ଭାବନା



ସତ୍ୟବ୍ରତ ପାଣିଗ୍ରାହୀ

କିଛି ବର୍ଷ ପୂର୍ବେ ଓଡ଼ିଆ ସିନେମା ତେଲୁଗୁ ଏବଂ ତାମିଲ କାହାଣୀର ନକଲ କରିବା ଭଳି ଅପବାଦ ମୁଣ୍ଡେଇ ଥିଲା। ଦର୍ଶକ ବି ଓଡ଼ିଆ ସିନେମା ଦେଖିବାରୁ ଦୂରେଇ ଯାଇଥିଲେ। ହୃତଗୌରବ ଫେରି ପାଇବା ପାଇଁ ସଂଘର୍ଷ କରିଥିଲା ଓଡ଼ିଆ ସିନେମା। କୋଭିଡ୍ ପରବର୍ତ୍ତୀ ସମୟରେ କିଛି ଦମଦାର୍ କାହାଣୀ ସହ ଠିକ୍ ବାଟକୁ ଫେରିଥିଲା ଓଲିଉଡ୍। 'ଦମନ', 'ପ୍ରତୀକ୍ଷା', 'ପୁଷ୍କରା' ଭଳି କିଛି ସିନେମା ଏବଂ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ' ଭଳି କିଛି ୱେବ୍ ସିରିଜ୍ ଓଡ଼ିଆ ସିନେ ଜଗତ ପାଇଁ ଏକ ନୂଆ ଆଶା ସଞ୍ଚାର କରିଥିଲେ। ଗତବର୍ଷରେ ମଧ୍ୟ କିଛି ଭଲ ସିନେମା ତିଆରି ହୋଇଥିଲା, ଆଉ କିଛି ସିନେମା ବ୍ୟାବସାୟିକ ସଫଳତା ବି ହାସଲ କରିଥିଲା। ୨୦୨୪ ବିଦାୟ ଦେଇ ବର୍ତ୍ତମାନ କିଛି ନୂଆ କାହାଣୀ ନୂଆ ସିନେମା ସହ ନୂଆ ବର୍ଷ ୨୦୨୫ କୁ ସ୍ୱାଗତ କରୁଛି ଓଡ଼ିଆ ଚଳଚ୍ଚିତ୍ର ଜଗତ।






ଷାଠିଏ ସତୁରି ଦଶକରେ ଆରମ୍ଭ ହୋଇଥିଲା ପାରାଲାଲ୍ ସିନେମାର ଯୁଗ। ଉଭୟ ବଙ୍ଗଳା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବହୁ ପ୍ରଖ୍ୟାତ ନିର୍ଦ୍ଦେଶକ ଏହି ସମାନ୍ତରାଳ ବା କଳାତ୍ମକ ସିନେମା ନିର୍ମାଣରେ ମନୋନିବେଶ କରିଥିଲେ। ସମକାଳୀନ ସାମାଜିକ କଥାବସ୍ତୁ, ପରିବର୍ତ୍ତିତ ଧାରା, ସଂସ୍କୃତି, ମଣିଷ ଜୀବନର ଜଞ୍ଜାଳ, ଅବହେଳିତ ସମାଜର କଥା, ଦାର୍ଶନିକ ଧାରଣା, ସୌନ୍ଦର୍ଯ୍ୟବୋଧ, ଐତିହାସିକ ପୃଷ୍ଠଭୂମି ଆଦି ନାନା ଦିଗକୁ ନେଇ ପାରାଲାଲ୍ ସିନେମା ତିଆରି ହୁଏ। କିନ୍ତୁ ସମୟ ବଦଳିବା ସହ ପରବର୍ତ୍ତୀ କାଳରେ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ସହ ବ୍ୟାବସାୟିକ ଦୃଷ୍ଟିକୋଣରୁ ସିନେମା ତିଆରି ଆରମ୍ଭ ହେଲା।




ଅବାସ୍ତବ ପ୍ରେମ କାହାଣୀ, ଅତିରଞ୍ଜିତ ଆକ୍ସନ ଦୃଶ୍ୟ, ଅଶ୍ଳୀଳତା, ଆଇଟମ୍ ନୃତ୍ୟ, ନାୟକ-ନାୟିକା କୈନ୍ଦ୍ରିକ ବିଷୟକୁ ଆଧାର କରି ବ୍ୟାବସାୟିକ ସିନେମା ଗଢ଼ି ଉଠିଲା। ଫିଲ୍ମରେ ମସଲା ଥିବା ଯୋଗୁଁ ସବୁବର୍ଗର ଦର୍ଶକ ଉପଭୋଗ କରିବା ସହ ଏଥିରୁ ଭଲ ଆୟ ମଧ୍ୟ ହେଲା। କିନ୍ତୁ ବର୍ତ୍ତମାନ ପୁଣି ଥରେ ଦର୍ଶକଙ୍କ ରୁଚି ବଦଳୁଛି। କୋଭିଡ୍ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ମଧ୍ୟ ଅନେକ ପାରାଲାଲ ସିନେମା ତିଆରି ହେଲାଣି। ଗତାନୁଗତିକ ଧାରା ଏବଂ ଚିରାଚରିତ କାହାଣୀକୁ ଛାଡ଼ି ନୂଆ ପିଢ଼ିର ନିର୍ଦ୍ଦେଶକ, ପ୍ରଯୋଜକ ଭିନ୍ନ ସ୍ୱାଦର ମୌଳିକ କାହାଣୀ ଉପରେ ସିନେମା କରୁଛନ୍ତି। ସବୁଠୁ ଭଲ କଥା ହେଉଛି ଯେ ଏସବୁ ଚଳଚ୍ଚିତ୍ର ବ୍ୟାବସାୟିକ ସଫଳତା ମଧ୍ୟ ହାସଲ କରିଛନ୍ତି।

ଯେମିତି ନିକଟରେ ରିଲିଜ୍ ହୋଇଥିବା 'ପରବ' ସିନେମାରେ ସୀମାନ୍ତ ଅଞ୍ଚଳର କଥା ଦର୍ଶାଯାଇଛି। ଓଡ଼ିଶାର ଏକ ସୀମାନ୍ତ ଜିଲ୍ଲା ଗଜପତି, ଯାହା ଆନ୍ଧ୍ର ପ୍ରଦେଶକୁ ଲାଗି ରହିଛି। ଉଭୟ ଓଡ଼ିଆ ଓ ତେଲୁଗୁ ସଂସ୍କୃତିର ପ୍ରଭାବ ଏଇଠି ରହିଛି। ପୂର୍ବରୁ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ କିଭଳି ସୀମା ବିବାଦ ରହିଥିଲା, ସୀମାନ୍ତ ଅଞ୍ଚଳର ଲୋକେ ସେସବୁକୁ କିଭଳି ସାମ୍ନା କରନ୍ତି, ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ନେଇ ତିଆରି ହୋଇଥିଲା ଓଡ଼ିଆ ସିନେମା 'ପରବ'। ଆବେଗଭରା ମୌଳିକ କାହାଣୀ ସହ ବାସ୍ତବ ପ୍ରସଙ୍ଗ ଉପସ୍ଥାପନ କରିଥିବାରୁ ଦର୍ଶକ ଏହି ସିନେମାକୁ ପସନ୍ଦ କରିଥିଲେ। ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାବଳୀକୁ ନେଇ ତିଆରି ହୋଇଛି 'ଭଗିଆ ଭାରିଜା' ଚଳଚ୍ଚିତ୍ର। ଜଣେ ଅଟୋ ଡ୍ରାଇଭର ସ୍ୱାମୀ ଓ ରିଲ୍ସ ପ୍ରେମରେ ପଡ଼ିଥିବା ସ୍ତ୍ରୀର ସମ୍ପର୍କ ଉପରେ ଆଧାରିତ ଏହି ସିନେମା। 'ରୁମକୁ ଝୁମାନା', 'ଧୋ ରେ ବାୟା ଧୋ' ପରେ ଏହା ହେଉଛି ହରିହର ମହାପାତ୍ରଙ୍କ ଆଉ ଏକ ସାମାଜିକ କଥାବସ୍ତୁ ଆଧାରିତ ଚଳଚ୍ଚିତ୍ର। ଜଣେ ଗୃହିଣୀର ରିଲ୍ସ ପ୍ରେମ ସମାଜ ଉପରେ କିଭଳି ପ୍ରଭାବ ପକାଉଛି, ସେକଥା ଏହି ସିନେମାରେ ଦର୍ଶାଯାଇଛି। ବିଶେଷ କରି ଦେବଯାନୀ ଏବଂ ହରିଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ସେହିଭଳି 'ଦୁର୍ଗା' ଚଳଚ୍ଚିତ୍ରର କାହାଣୀ ବିଗତ କିଛି ବର୍ଷ ଧରି ସାରା ଭାରତରେ ଚର୍ଚ୍ଚିତ ସାମାଜିକ ପ୍ରସଙ୍ଗ ପାଲଟିଥିବା 'ବୈବାହିକ ବଳାତ୍କାର'କୁ ନେଇ ଆଧାରିତ।




# ସିନେମାରେ କଳା ସଂସ୍କୃତିର ଝଲକ



ରଙ୍ଗଶୁର


କୁହାଯାଏ, ଯେ ସିନେମା କୌଣସି ବିଷୟବସ୍ତୁକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିପାରେ। ସିନେମାର ଦୃଶ୍ୟ ଦର୍ଶକଙ୍କ ମନରେ ଅଲିଭା ଛାପ ଛାଡ଼ିପାରେ। ଆମର ପାରମ୍ପରିକ ଲୋକ କଳା, ଲୋକ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସିନେମା ଏକ ଉତ୍କୃଷ୍ଟ ମାଧ୍ୟମ। ଯାହା ବର୍ତ୍ତମାନ ଓଡ଼ିଆ ଚଳଚ୍ଚିତ୍ରରେ ସ୍ପଷ୍ଟ ରୂପେ ପ୍ରତିଫଳିତ। ଚଳିତ ବର୍ଷ ଜାନୁଆରୀ ୧୨ରେ ମୁକ୍ତିଲାଭ କରିଛି ଓଡ଼ିଆ ସିନେମା 'ରଙ୍ଗଶୁର'। ଓଡ଼ିଶାର ପାରମ୍ପରିକ ଲୋକକଳା ଓ ଲୋକନୃତ୍ୟ ବାଘ ନାଚ ଭଳି ଏକ ଭିନ୍ନ କଥାବସ୍ତୁକୁ ନେଇ ଏହି ସିନେମା ଆଧାରିତ। ସାଧାରଣତଃ ବାଘନାଚ ପୁରୁଷ କଳାକାର ପରିବେଷଣ କରନ୍ତି। କିନ୍ତୁ ଜଣେ ଝିଅ ବାଘ ନାଚ କରିବାକୁ ଯାଇ କିଭଳି ସାମାଜିକ ପ୍ରତିବନ୍ଧକକୁ ସାମ୍ନା କରୁଛି ଏବଂ ଜଙ୍ଗଲର ସୁରକ୍ଷା କରୁଛି, ତାହା ଏହି ଚଳଚ୍ଚିତ୍ରର କାହାଣୀରେ ରହିଛି। ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରିଛନ୍ତି ସୂର୍ଯ୍ୟମୟୀ। ଚଳିତ ବର୍ଷ ହଲ୍‌କୁ ଆସିବାକୁ ଯାଉଛି ଆଉ ଏକ କଳାତ୍ମକ ସିନେମା 'ଦେବକନ୍ୟା'। ପୁରୀର ଲୋକ ସଂସ୍କୃତି ଏବଂ ପରମ୍ପରା ସହ ଜଡ଼ିତ ଏହି ସିନେମାକୁ ଲେଖିଛନ୍ତି ପ୍ରସିଦ୍ଧ ଲେଖକ ଶଙ୍କର ତ୍ରିପାଠୀ। 'ଦେବକନ୍ୟା' ଚଳଚ୍ଚିତ୍ର ଦେବତାଙ୍କୁ ସମର୍ପିତ ଏକ କଳାର ବାସ୍ତବ ରୂପାନ୍ତର। ପାରିବାରିକ ଏବଂ ସାମାଜିକ ପ୍ରତିବନ୍ଧକ ଭିତରେ କଳାକାରଟିଏ କିଭଳି ସଙ୍ଘର୍ଷ କରୁଛି, ସେକଥା କାହାଣୀରେ ଦର୍ଶାଯାଇଛି, ଯାହା ଦର୍ଶକଙ୍କୁ ନିଶ୍ଚୟ ଭଲ ଲାଗିବ।




ସଂସ୍କୃତିର ଏକ ପ୍ରମୁଖ ଦିଗ ହେଉଛି ପର୍ଯ୍ୟଟନ। ସେହିଭଳି ପର୍ଯ୍ୟଟନକୁ ନେଇ ଏକ ସିନେମା 'ଡାଲଚିନି'। 'ଆଓ ନେଷ୍ଟ' ଓଟିଟି ପ୍ଲାଟ୍‌ଫର୍ମରେ ଏହି ସିନେମାକୁ ଦେଖିପାରିବେ। କାହାଣୀରେ ଜଣେ ଯୁବକ ଭ୍ରମଣ ଉଦ୍ଦେଶ୍ୟରେ ଆସିଛନ୍ତି ଏବଂ ଝିଅ ଗାଇଡ୍‌ଙ୍କ ସହ ପ୍ରେମରେ ପଡ଼ିଛନ୍ତି। ଏହାରି ଭିତରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣର ଅନୁଭୂତିକୁ ଚିତ୍ରଣ କରାଯାଇଛି। ଏହା କେବଳ ଏକ ସିନେମା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନକୁ ପ୍ରସାର କରିବା ପାଇଁ ଏକ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ସଙ୍ଗୀତ ଏବଂ ସଙ୍ଗୀତ ସାଧକ ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଓଡ଼ିଆ ସଙ୍ଗୀତ ଜଗତର ବେତାଜ୍ ବାଦଶାହା ହେଉଛନ୍ତି ଅକ୍ଷୟ ମହାନ୍ତି। ଯିଏ ଘରେ ଘରେ ପରିଚିତ 'ଖୋକା ଭାଇ' ନାମରେ। ଅକ୍ଷୟ ସଙ୍ଗୀତକୁ ସମର୍ପିତ କରି ୨୦୨୪ ମସିହା ଅକ୍ଟୋବରରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ଖୋକା ଭାଇ ତୁମ ପାଇଁ'। ଲୋକଙ୍କ ପ୍ରଶଂସା ମଧ ସାଉଁଟିଥିଲା। ତାଙ୍କ ଗୀତରେ ରହିଥିଲା ପ୍ରେମ, ବିରହ, ମିଳନ, ବିଚ୍ଛେଦ, ଆବେଗ ସବୁକିଛି। ତାଙ୍କ ସଙ୍ଗୀତର ଯାଦୁ ଆଜି ବି ଓଡ଼ିଶାର ଲୋକଙ୍କୁ ବାନ୍ଧି ରଖିଛି। ପ୍ରତ୍ୟେକ ପିଢ଼ିର ଓଡ଼ିଆ ଯୁବକ ଅକ୍ଷୟ ସଙ୍ଗୀତରେ ନିଜକୁ ଭିଜେଇଛନ୍ତି, ହଜେଇଛନ୍ତି। 'ଖୋକା ଭାଇ ତୁମ ପାଇଁ' ସିନେମାରେ ଠିକ୍ ସେହିଭଳି ନାୟକ ସ୍ୱରାଜ ମଧ ଖୋକା ଭାଇଙ୍କ ଗୀତର ପ୍ରେମରେ ପଡ଼ିଛନ୍ତି। ପ୍ରେମ କ'ଣ ବୁଝିବା ପାଇଁ ଅକ୍ଷୟ ମହାନ୍ତିଙ୍କ ଗୀତକୁ ଭଲ ପାଇ ବସିଛନ୍ତି। ସିନେମାରେ ପ୍ରେମିକାକୁ ପାଇବା ପାଇଁ ଖୋକା ଭାଇଙ୍କ ଗୀତକୁ ମାଧ୍ୟମ କରିଛନ୍ତି ସ୍ୱରାଜ, ପୁଣି ସେହି ଅକ୍ଷୟ ମହାନ୍ତିଙ୍କ ଗୀତରେ ଦୁହିଁଙ୍କ ମଧ୍ୟରେ ବିଚ୍ଛେଦ ହୋଇଛି।



ଖୋକା ଭାଇ ତୁମ ପାଇଁ



ପୁଷ୍କରା

# ଫେରିଛି 'ସାହିତ୍ୟରୁ ସିନେମା' ଧାରା

ସାହିତ୍ୟର ଚିତ୍ରାୟନ ହେଉଛି ସିନେମା। ଇଏ କେବଳ ସାହିତ୍ୟରୁ ସିନେମାର ରୂପାନ୍ତରଣ ନୁହେଁ, ବରଂ ପାଠକରୁ ଦର୍ଶକରେ ପରିଣତ ହେବାର ଗୋଟେ ପ୍ରକ୍ରିୟା। ସାହିତ୍ୟିକ ଖୋଜେ କାହାଣୀ। ସିନେମା ନିର୍ଦ୍ଦେଶକ ବି ଖୋଜି ବୁଲନ୍ତି କାହାଣୀ। ସାହିତ୍ୟର କଥା କାହାଣୀକୁ ଆଧାର କରି ଗଢ଼ା ହୁଏ ସିନେମାର ଚିତ୍ର ଚରିତ୍ର। କାହାଣୀଟି ସତ୍ୟ ଘଟଣା ଆଧାରିତ ହୋଇପାରେ କିମ୍ବା ହୋଇପାରେ କାଳ୍ପନିକ। ଚଳଚ୍ଚିତ୍ରରେ ସେହି ଉପନ୍ୟାସର ଚରିତ୍ର ସବୁ ନାଚି ଉଠନ୍ତି , ହସନ୍ତି, କାନ୍ଦନ୍ତି ଆଉ ଲୋକଙ୍କୁ ବାନ୍ଧି ରଖନ୍ତି ଅଭିନୟ ମାଧ୍ୟମରେ। ପୂର୍ବରୁ ଓଡ଼ିଆ ଭାଷାରେ ସାହିତ୍ୟରୁ ସିନେମାର ରୂପାୟନର ଅନେକ ଦୃଷ୍ଟାନ୍ତ ରହିଛି। ଓଡ଼ିଆ ଗଳ୍ପ, ଉପନ୍ୟାସ ଆଧାରିତ ଅନେକ ସିନେମା ଲୋକାଦୃତ ହୋଇଛି, ବ୍ୟାବସାୟିକ ସଫଳତା ମଧ ହାସଲ କରିଥିଲା। କିନ୍ତୁ ଏକବିଂଶ ଶତାବ୍ଦୀ ପ୍ରାରମ୍ଭରୁ ଏହି ଧାରା ପ୍ରାୟ ହଜି ଯାଇଥିଲା। ଗଳ୍ପ, ଉପନ୍ୟାସ, ନାଟକ ଆଦିକୁ ଆଧାର କରି ସିନେମା ତିଆରି କରିବାର ପ୍ରଥାକୁ ଏତେଟା ଗୁରୁତ୍ୱ ଦିଆଗଲା ନାହିଁ, ଯାହା ଫଳରେ ଗତ ୨୦ ବର୍ଷ ଭିତରେ ସେଭଳି କ୍ଲାସିକ୍ ସିନେମା ମଧ ତିଆରି ହୋଇ ପାରିନାହିଁ। କିନ୍ତୁ, ବର୍ତ୍ତମାନର ନିର୍ଦ୍ଦେଶକ ସାହିତ୍ୟର ଗୁରୁତ୍ୱକୁ ବୁଝିଲେଣି। ଶଙ୍କର ତ୍ରିପାଠୀଙ୍କ ରଚିତ 'ନାଦବିନ୍ଦୁ' ଆଧାରିତ ଚଳଚ୍ଚିତ୍ର 'ପୁଷ୍କରା'ର ସଫଳତା ପରେ ଏହି ଧାରା ପୁଣି ଥରେ ଫେରିଛି। ସେହିକ୍ରମରେ ଚଳିତ ବର୍ଷ ରିଲିଜ୍ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ସିନେମା 'ରାଣ୍ଡୀପୁଅ ଅନନ୍ତା'। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ 'ରାଣ୍ଡୀପୁଅ ଅନନ୍ତା' କାହାଣୀ ଆଧାରରେ ଏହି ସିନେମା ପ୍ରସ୍ତୁତ ହୋଇଛି। ମୁଖ୍ୟ ଚରିତ୍ର ଅନନ୍ତା ଭୂମିକାରେ ଅଭିନୟ କରୁଛନ୍ତି ସବ୍ୟସାଚୀ। ଏହି ଚରିତ୍ରକୁ ଯଥାର୍ଥ କରିବା ପାଇଁ ଅଭିନେତା ସବ୍ୟସାଚୀ ନିଜ ଶରୀରକୁ ନେଇ ଅନେକ ପରିଶ୍ରମ କରିଛନ୍ତି, ଯାହା ନିଶ୍ଚିତ ରୂପେ ପ୍ରଶଂସନୀୟ। ତେବେ ରିଲିଜ୍ ହେବା ପୂର୍ବରୁ ହିଁ ବିତର୍କ ବିବାଦ ଭିତରେ ଚର୍ଚ୍ଚାରେ ରହିଛି ଅନନ୍ତା ଚଳଚ୍ଚିତ୍ର। ସିନେମାରେ ଥିବା 'ରାଣ୍ଡୀ' ଶବ୍ଦର ଉପଯୋଗକୁ ନେଇ ଅନେକ ବିତର୍କ ହୋଇଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅନନ୍ତା କାହାଣୀକୁ ନେଇ ଡିଡି ଓଡ଼ିଆରେ ମଧ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

ସେହିଭଳି ସମ୍ପୂର୍ଣ୍ଣ ଭାବେ ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ 'ଆଜିର ରେବତୀ' ଚଳଚ୍ଚିତ୍ର। ବିଶିଷ୍ଟ ସାହିତ୍ୟିକ ବଦ୍ରି ମିଶ୍ରଙ୍କ କ୍ଷୁଦ୍ର ଗଳ୍ପ 'ରେବତୀ' ଆଧାରରେ ଏହି ସିନେମାଟି ତିଆରି ହେଉଛି। ଓଡ଼ିଆ ଏବଂ ବଙ୍ଗଳା ଦୁଇଟି ଭାଷାରେ ସିନେମାଟି ନିର୍ମିତ ହେବ। ଚଳିତ ବର୍ଷ ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।



ରାଣ୍ଡୀପୁଅ ଅନନ୍ତା




## ରେକର୍ଡ଼ ସୃଷ୍ଟି କରିଛି 'କର୍ମ'

ଗତ କିଛି ବର୍ଷ ଧରି ଓଡ଼ିଆ ସିନେମାର ଦୁର୍ଦ୍ଦଶା ଏବଂ ସେଥିରୁ ମୁକୁଳିବା ପାଇଁ ସଂଘର୍ଷ ଭିତରେ କେହି ବି ଭାବିନଥିବେ ଯେ ଗୋଟିଏ ଓଡ଼ିଆ ସିନେମା ରିଲିଜ୍ ପରେ ୭ କୋଟିରୁ ଊର୍ଦ୍ଧ୍ୱ ଆୟ କରିବ। କିନ୍ତୁ ଏହାକୁ ସମ୍ଭବ କରିପାରିଛି ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଚଳଚ୍ଚିତ୍ର 'କର୍ମ'। ଗତ ବର୍ଷ ଅକ୍ଟୋବର ୯ ତାରିଖରେ ଦଶହରା ସମୟରେ ଏହା ରିଲିଜ୍ ହୋଇଥିଲା। ପ୍ରତ୍ୟେକ ମଣିଷକୁ କୃତକର୍ମର ଫଳ ଦିନେ ନିଶ୍ଚୟ ଭୋଗିବାକୁ ପଡ଼ିବ, ଏଇ ସିଦ୍ଧାନ୍ତ ଉପରେ ସିନେମାଟି ଆଧାରିତ। ଭଗବାନଙ୍କୁ ମଧ୍ୟ ନିଜ କର୍ମର ଫଳ ଭୋଗିବାକୁ ପଡ଼ିଛି, ତେଣୁ ମଣିଷ ଏଥିରୁ ବାଦ୍ ପଡ଼ିବା ଅସମ୍ଭବ, ଏଇ ଧାରଣାକୁ ଏଥିରେ ଦର୍ଶାଯାଇଛି। ରୋମାଞ୍ଚଭରା କାହାଣୀ, ଲୋମଟାଙ୍କୁରା ଦୃଶ୍ୟ ଓ ଆକର୍ଷଣୀୟ ସଂଳାପ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏଭଳି କିଛି ଦୃଶ୍ୟ ଅଛି, ଯାହା ଦର୍ଶକଙ୍କୁ ପ୍ରତି ମୁହୂର୍ତ୍ତରେ ଭାବିବା ପାଇଁ ବାଧ୍ୟ କରିବ। ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ସୁପରଷ୍ଟାର୍ ଅନୁଭବ ମହାନ୍ତି ସିନେମାରେ ଗୋଟିଏ ହତ୍ୟାକାଣ୍ଡ ଘଟଣାର ତଦନ୍ତ କରୁଛନ୍ତି। ଏହାରି ଭିତରେ ସେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତାରଣା ଏବଂ ଛଳନାର ସାମ୍ନା କରିଛନ୍ତି । ବିଭିନ୍ନ ମୋଡ଼ ଦେଇ ସିନେମାର କାହାଣୀଟି ଗତିଶୀଳ ହୋଇଛି, ଯାହାର ପୂର୍ବାନୁମାନ କରିବା ଦର୍ଶକଙ୍କ ପକ୍ଷେ କଷ୍ଟକର। ବିଶେଷ କରି ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ବାସ୍ତବରେ ପ୍ରଶଂସନୀୟ।

## ଐତିହାସିକ କାହାଣୀ ପର୍ଯ୍ୟାପ୍ତ, କିନ୍ତୁ ସିନେମାର ଅଭାବ







ଓଡ଼ିଶାର ଏକ ସୁଦୀର୍ଘ ଗୌରବମୟ ଇତିହାସ ଅଛି। ଓଡ଼ିଶା ସମ୍ପର୍କିତ ଏମିତି ଅନେକ ଐତିହାସିକ ଘଟଣାବଳୀ, ଯାହା ବୈଶ୍ୱିକ ପରିପ୍ରେକ୍ଷୀରେ ଗୁରୁତ୍ୱ ବହନ କରେ। ତଥାପି ଓଡ଼ିଆ ସିନେମାରେ ଆମ ଇତିହାସକୁ ଉଚିତ ପରିମାଣରେ ପ୍ରଦର୍ଶିତ କରାଯାଇନାହିଁ। ତୁଳନାତ୍ମକ ଅଧ୍ୟୟନ କଲେ ଜଣାପଡ଼େ ଯେ, ଓଡ଼ିଆ ସିନେମା ଶିଳ୍ପରେ ଏ ଦିଗରେ ଆଶାନୁରୂପ ପ୍ରୟାସ ମଧ୍ୟ ହୋଇନାହିଁ। ଅପରପକ୍ଷରେ ଅନ୍ୟ ଭାରତୀୟ ଭାଷାଗୁଡ଼ିକରେ ଅନେକ ଐତିହାସିକ ଏବଂ କିମ୍ବଦନ୍ତୀମୂଳକ ଚଳଚ୍ଚିତ୍ର ନିର୍ମିତ ହୋଇ ବ୍ୟାବସାୟିକ ସଫଳତା ହାସଲ କରୁଛନ୍ତି। ଉଦାହରଣ ସ୍ୱରୂପ ଚୋଳ ସାମ୍ରାଜ୍ୟର କଥାକୁ ନେଇ ତାମିଲ ଭାଷାରେ ନିର୍ମିତ 'ପୋନିୟନ୍ ସେଲଭନ- ଭାଗ ୧ ଏବଂ ୨' ଅନେକ ସଫଳତା ହାସଲ କରିଥିଲା। ଏହି 'ପୋନିୟନ୍ ସେଲଭନ' ଚଳଚ୍ଚିତ୍ର ପ୍ରସିଦ୍ଧ ତାମିଲ ଲେଖକ କଲ୍କୀ କୃଷ୍ଣମୂର୍ତ୍ତିଙ୍କ ଉପନ୍ୟାସ ଆଧାରରେ ତିଆରି ହୋଇଛି। ଏ କ୍ଷେତ୍ରରେ ଓଡ଼ିଆ ସିନେମାରେ ଅଭାବ ରହିଛି। ବିଶିଷ୍ଟ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ତିନୋଟି ଐତିହାସିକ ଉପନ୍ୟାସ – 'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା'କୁ ଆଜି ଯାଏଁ ଚଳଚ୍ଚିତ୍ରରେ ରୂପାୟନ କରାଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଐତିହାସିକ କଥାବସ୍ତୁ, କଳିଙ୍ଗ ଯୁଦ୍ଧ, ଜଗନ୍ନାଥଙ୍କ କିମ୍ବଦନ୍ତୀ, ଶ୍ରୀମନ୍ଦିର ସୁରକ୍ଷାରେ ନାଗା ସାଧୁଙ୍କ ଅବଦାନ, କାରୁବାକୀ କିମ୍ବଦନ୍ତୀ, ଖାରବେଳଙ୍କ ମଗଧ ବିଜୟ, କଳାପାହାଡ଼, କାଞ୍ଚି ବିଜୟ, ପାଇକ ବିଦ୍ରୋହ, ପଦ୍ମସମ୍ଭବଙ୍କ ଇତିହାସ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ, ଦୁର୍ଭିକ୍ଷ ଏବଂ ପ୍ରାକୃତିକ ବିପର୍ଯ୍ୟୟ, ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମରେ ବିଜୁ ବାବୁଙ୍କ ଭୂମିକା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଭାଷା ଆନ୍ଦୋଳନ ଏଭଳି ଅନେକ କଥାବସ୍ତୁ ଅପେକ୍ଷା କରି ରହିଛନ୍ତି ସିନେ ପରଦାରେ ପ୍ରଦର୍ଶିତ ହେବା ପାଇଁ, ଯାହା ବର୍ତ୍ତମାନ ସୁଦ୍ଧା ହୋଇ ପାରିନାହିଁ। ସିନେମା ନିର୍ଦ୍ଦେଶକ ଏବଂ ନିର୍ମାତାଙ୍କୁ ଏ ଦିଗରେ ପ୍ରୟାସ କଲେ ଯାଇ ଓଡ଼ିଶାର ଲୁକ୍କାୟିତ ଇତିହାସ, କଥା, କିମ୍ବଦନ୍ତୀ ବିଶ୍ୱ ସ୍ତରରେ ପହଞ୍ଚି ପାରିବ। ■

## ସାଇନ୍ସ ଫିକ୍ସନ୍ ସିନେମାର ଅଭାବ

ବିଜ୍ଞାନ ଯୁଗରେ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ବିଜ୍ଞାନ ଆଧାରିତ ସିନେମାର ଅଭାବ ରହିଛି। କୋଭିଡ୍ ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା ମୁଖ୍ୟସ୍ରୋତକୁ ଫେରିଛି ସତ। ତଥାପି ଅନେକ ଦିଗରେ କାମ ବାକି ରହିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାକୁ ହେଲେ ସବୁ ଧରଣର ସିନେମା ତିଆରି ହେବା ଜରୁରି। ସାଇନ୍ସ ଫିକ୍ସନ ବା କଳ୍ପବିଜ୍ଞାନ ସିନେମା କ୍ଷେତ୍ରରେ ଓଡ଼ିଆ ଇଣ୍ଡଷ୍ଟ୍ରି ବହୁତ ପଛରେ ରହିଛି। ଅପର ପକ୍ଷରେ ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ ଭାଷାରେ ଅନେକ କଳ୍ପବିଜ୍ଞାନଧର୍ମୀ ସିନେମା ତିଆରି ହୋଇସାରିଛି। ପ୍ରଖ୍ୟାତ ନିର୍ଦ୍ଦେଶକ ତଥା ଲେଖକ ସତ୍ୟଜିତ ରାୟଙ୍କ ବିଜ୍ଞାନ ଗଳ୍ପକୁ ଆଧାର କରି ବଙ୍ଗଳା ଭାଷାରେ 'ପ୍ରଫେସର ଶଙ୍କୁ', ଆଦ୍ରିସ୍ ବର୍ଦ୍ଧନଙ୍କ ଗଳ୍ପକୁ ନେଇ ବିଜ୍ଞାନଧର୍ମୀ ସିନେମା ତିଆରି ହୋଇଛି। ତାମିଲ, ତେଲୁଗୁ ଭାଷାରେ ମଧ୍ୟ ନିୟମିତ ଏହି କ୍ଷେତ୍ରରେ ସିନେମା ଆସୁଛି। କିନ୍ତୁ ଓଡ଼ିଆ ଭାଷାରେ ପ୍ରଥମ ଏବଂ ଏକମାତ୍ର କଳ୍ପ ବିଜ୍ଞାନ ସିନେମା ହେଉଛି 'କେଉଁ ଦୁନିଆରୁ ଆସିଲ ବନ୍ଧୁ', ଯାହା ୨୦୧୨ ମସିହାରେ ରିଲିଜ୍ ହୋଇଥିଲା। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଅଗ୍ରଗତି ଘଟିଥିଲେ ମଧ୍ୟ ତଦନୁରୂପ ବିଜ୍ଞାନ ସିନେମା ହୋଇନାହିଁ। ମୁଖ୍ୟ କଥା ହେଉଛି, ଆମ ଓଡ଼ିଆ ଭାଷାରେ ବିଜ୍ଞାନ ଲେଖକମାନେ ପର୍ଯ୍ୟାପ୍ତ ସାଇନ୍ସ ଫିକ୍ସନ୍ ରଚନା କରିଛନ୍ତି। କଳ୍ପ ବିଜ୍ଞାନରେ ଅନେକ କାଳଜୟୀ ଓଡ଼ିଆ ଉପନ୍ୟାସ, ଗଳ୍ପ, କ୍ଷୁଦ୍ରଗଳ୍ପ ରହିଛି। କିନ୍ତୁ ସେସବୁ ଚଳଚ୍ଚିତ୍ରରେ ରୂପାନ୍ତରଣ ହୋଇପାରିନାହିଁ। ଏଭଳି ସ୍ଥିତିରେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ 'ଦ ଜେଙ୍ଗାବୁରୁ କର୍ସ' ୱେବ୍ ସିରିଜ୍ ଏକ ନୂଆ ଆଶା ସଞ୍ଚାର କରିଥିଲା, ଯାହା ଓଡ଼ିଆ, ହିନ୍ଦୀ, ତେଲୁଗୁ ସମେତ ବିଭିନ୍ନ ଭାଷାରେ ପ୍ରସାରିତ ହୋଇଥିଲା। ଏହା ପରିବେଶ, ଜଙ୍ଗଲ ସୁରକ୍ଷା, ତେଜସ୍କ୍ରିୟ ଖଣିଜ ପଦାର୍ଥ ଲୋକଙ୍କ ସ୍ୱାସ୍ଥ୍ୟକୁ କିପରି ପ୍ରଭାବିତ କରୁଛି, ସେସବୁ ବିଷୟକୁ ନେଇ ଏକ କାଳ୍ପନିକ କାହାଣୀ ଉପରେ ପର୍ଯ୍ୟବସିତ। ଭାରତର ପ୍ରଥମ କ୍ଲାଇମେଟ୍ ଫିକ୍ସନ ୱେବ୍ ସିରିଜ୍ ବୋଲି ବିବେଚନା କରାଯାଉଛି। ତେଣୁ ଓଡ଼ିଆ ସିନେମାର ସାମଗ୍ରିକ ବିକାଶ ପାଇଁ ଏହି ଧରଣର ଚଳଚ୍ଚିତ୍ର ମଧ୍ୟ ନିର୍ମାଣ ହେବାର ଆବଶ୍ୟକତା ରହିଛି।



ଗୁଣୁପୁର, ରାୟଗଡ଼ା
ମୋ:୬୩୭୧୬୮୪୬୯୯





# ବଦଳୁଛି ଓଡ଼ିଆ ସିନେମା ଧାରା

**ଚଳଚ୍ଚିତ୍ରଟିଏ ରିଲିଜ୍ ହେବା ପରେ ଏହା ଭଲ ହୋଇଛି କି ନାହିଁ, ତାହା ଦର୍ଶକ ବିଚାର କରନ୍ତି । ସିନେ ସମୀକ୍ଷକମାନେ ସମୀକ୍ଷା କରନ୍ତି । ତେବେ ବାସ୍ତବ କଥା ହେଉଛି ମୌଳିକ କାହାଣୀକୁ ନେଇ ଫିଲ୍ମ ତିଆରି କଲେ, ଏହା ନିଶ୍ଚୟ ଲୋକପ୍ରିୟ ହେବ । ଏମିତି କିଛି କାହାଣୀ ନେଇ ୨୦୨୪ ଦଶହରା ପରେ ଫିଲ୍ମ ରିଲିଜ୍ ହୋଇଥିଲା । ତନ୍ମଧ୍ୟରୁ 'କର୍ମ', 'ପାୱାର' ଓ 'ୱାଇଫ୍' ପରି ସିନେମା ହିଁ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ତେବେ ଏହି ସିନେମା ସଫଳ ହେବାର କାରଣ, କ'ଣ ସବୁ ଅଭାବ ରହିଛି, ତାହାକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା ।**



ଦିଲ୍ଲୀପ ହାଲି

ଦିନ ଥିଲା ଓଡ଼ିଆ ଫିଲ୍ମରୁ ଦର୍ଶକ ମୁହଁ ଫେରାଉ ନେଉଥିଲେ । ହେଲେ 'ଦମନ' ଫିଲ୍ମ ପରେ ଫିଲ୍ମ ନିର୍ମାତା ମୌଳିକ ଓ ବାସ୍ତବ କାହାଣୀକୁ ନେଇ ଫିଲ୍ମ ଆରମ୍ଭ କରିଲେ। ଫିଲ୍ମର ପ୍ରଚାର ପ୍ରସାର, କାହାଣୀ କି କଳାକାରଙ୍କୁ ନେଇ ତ ଫିଲ୍ମ ହେବନି, ଫିଲ୍ମର ସୁଟିଂ ସେଟ୍, ସଙ୍ଗୀତ, ଜୀବନ୍ତ ଅଭିନୟ ସବୁଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏସବୁକୁ ହୃଦୟଙ୍ଗମ କରିଛନ୍ତି ଅନୁପମ ପଟ୍ଟନାୟକ । ନିକଟରେ ତାଙ୍କ ପ୍ରଡକ୍ସନ୍ ଦ୍ୱାରା ନିର୍ମିତ, ଅନୁଭବ ମହାନ୍ତି ଅଭିନୀତ 'କର୍ମ' ଚଳଚ୍ଚିତ୍ରଟି ବେଶ୍ ବ୍ୟାବସାୟିକ ସଫଳତା ପାଇ ପାରିଥିଲା । ଅନୁପମ ଜଣେ ଚତୁର ପ୍ରଯୋଜକ ଓ ସେ ବୈଷୟିକ ଜ୍ଞାନ କୌଶଳରେ ଦକ୍ଷ ବ୍ୟକ୍ତି । ଫିଲ୍ମ ସମ୍ବନ୍ଧୀୟ ପାଠ ପଢ଼ିଛନ୍ତି । ତେଣୁ ସେ ପୂଜାବଜାରକୁ ଦେଖି 'କର୍ମ' ପରି ଏକ ଫିଲ୍ମ ତିଆରି କରିଥିଲେ। ଫିଲ୍ମରେ 'ଚିଙ୍ଗି ଚିଙ୍ଗି' ଗୀତ ଯୋଗୁଁ ଫିଲ୍ମର ଯେ କ୍ରେଜ୍ ବଢ଼େ, ଏହା ମଧ୍ୟ 'କର୍ମ' ପ୍ରମାଣିତ କରିଛି । 'କର୍ମ' ପ୍ରାରମ୍ଭିକ ସ୍ତରରେ ସାମାଜିକ ଗଣମାଧ୍ୟମରେ ଗୀତ ସୁଟିଂଠାରୁ ଆରମ୍ଭ କରି କାହାଣୀ ଯାଏଁ, ଯେଉଁପରି ପ୍ରଚାର ପ୍ରସାର କଲା, ଏହା ଦ୍ୱାରା ଦର୍ଶକ ଏହି ଫିଲ୍ମ ଦେଖିବାକୁ ଆଗ୍ରହ ପ୍ରକାଶ କଲେ ।

## ପରମ୍ପରାକୁ ମନେ ପକାଇବ 'ପରବ'

ଓଡ଼ିଶାର ବହୁ ପୁରୁଣା ପରମ୍ପରା ଓ ପାର୍ବଣକୁ ନେଇ ସିନେ ନିର୍ମାତା ଦୀପେନ୍ଦ୍ର ସାମଲ 'ପରବ' ପରି ଏକ ମୌଳିକ କାହାଣୀକୁ ନେଇ ଚଳଚ୍ଚିତ୍ର କରିଛନ୍ତି। ଅଭିନେତା ଅଭିନେତ୍ରୀମାନେ ଅନେକ ପରିଶ୍ରମ କରିଛନ୍ତି। ପରବ କହିଲେ, ଲୋକଙ୍କ ମଧ୍ୟରେ ଏକ ଉତ୍ସାହ ଆସେ । ତେଣୁ ଓଡ଼ିଶାର ସ୍ୱାଭିମାନକୁ ନେଇ 'ପରବ' ହୋଇଥିଲେ ହେଁ, 'କର୍ମ' ପରି ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମର ଏତେଟା ପ୍ରଚାରପ୍ରସାର ହୋଇପାରିଲାନି ।

## ଲୋକକଳାକୁ ଉଜ୍ଜୀବିତ କରିବାର ପ୍ରୟାସ

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଗରୁ ବାଘନାଚ ଦେଖିବାକୁ ମିଳୁଥିଲା। ଏଥିରୁ ଅନେକେ ଜୀବିକାର୍ଜନ କରୁଥିଲେ। ଆମୋଦପ୍ରମୋଦରେ ଲୋକେ ଏକଜୁଟ୍ ହୋଇପାରୁଥିଲେ। ହେଲେ ଆଧୁନିକତାର ଦ୍ୱାହି ଦେଇ ଲୋକେ ଆଧୁନିକ ନୃତ୍ୟ, ଡିଜେ, ବ୍ୟାଣ୍ଡ, ଆର୍କେଷ୍ଟ୍ରାକୁ ଆପଣାଇଛନ୍ତି । ଏହାଦ୍ୱାରା ଲୋକନୃତ୍ୟ ଧୀରେ ଧୀରେ ଲୋପ ପାଇଗଲାଣି। ଅତୀତକୁ ଭୁଲି ନ ଯାଇ ଏହାକୁ ଆଗାମୀ ଦିନରେ କେମିତି ନେଇ ଚାଲିହେବ, ତାହାକୁ ହୃଦୟଙ୍ଗମ କରି ନିର୍ଦ୍ଦେଶକ ପ୍ରତାପ ରାଉତ 'ରଙ୍ଗଶୁର' ସିନେମାଟି କରିଛନ୍ତି । ଏହି ଫିଲ୍ମ ମାଧ୍ୟମରେ ଲୋକନୃତ୍ୟ, ଜଙ୍ଗଲ ସୁରକ୍ଷା, ନିଶାମୁକ୍ତି ଓ ସମାଜ ଗଠନ ପରି ଦୃଢ଼ ବାର୍ତ୍ତା ଦିଆଯାଇଛି । ଏହି ଫିଲ୍ମରେ ଜ୍ୟୋତି, ସୂର୍ଯ୍ୟମୟୀ, ଦ୍ୱୀପନ୍ୱିତ ପ୍ରମୁଖଙ୍କ ଅଭିନୟ ବେଶ୍ ଚିତ୍ତାକର୍ଷକ ହୋଇପାରିଛି ।

## ନାମକରଣ ଅନୁସାରେ କାମ ହେଲାନି

ଗୋଟିଏ ଚଳଚ୍ଚିତ୍ରରେ ଜଣେ ନାୟକ ପରି ଖଳନାୟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ସଂଳାପ ମଧ୍ୟ ଦୃଢ଼ ହେବା କଥା। ହେଲେ ଦଶହରାରେ ଓଡ଼ିଆ ଚଳଚ୍ଚିତ୍ର 'ଭିଲେନ୍' ଆସିଥିଲେ ବି ଅର୍ଦ୍ଧେନ୍ଦୁଙ୍କ ଚରିତ୍ର ସେମିତି ମନଛୁଆଁ ହୋଇପାରିଲାନି। ଏଥିପାଇଁ ଡ୍ରାମା ପରି ଫିଲ୍ମ ତିଆରି ପୂର୍ବରୁ ଟିମ୍ ୱାର୍କର ଆବଶ୍ୟକତା ରହିଛି ।

ସେହିପରି ଅକ୍ଷୟ ମହାନ୍ତିଙ୍କ ଦୁଇ ତିନିଟି ଗୀତକୁ ନେଇ ଫିଲ୍ମ କରିଦେଲେ ହେବନି , ବରଂ ତାଙ୍କର ଆଉ କିଛି କଥା ରଖିଥିଲେ ହୁଏତ ଏହି ଫିଲ୍ମ ଆହୁରି ଭଲ ନାଁ କରିଥାନ୍ତି। ପ୍ରଯୋଜକଙ୍କୁ ଆହୁରି ଏହା ଭିତରେ ଗବେଷଣା କରିବାର ଥିଲା। ଅକ୍ଷୟଙ୍କ ପ୍ରତିଟି ଗୀତ ତ ସୁପର ହିଟ୍। ଶୁଭେନ୍ଦୁ କୁମାର ସାହୁ ଏବଂ ନିର୍ଦ୍ଦେଶକ ତଥା ନୃତ୍ୟ ନିର୍ଦ୍ଦେଶକ ଗିରିଶ ମହାନ୍ତିଙ୍କ ନିର୍ମିତ 'ଖୋକା ଭାଇ ତମ ପାଇଁ' କରିଥିବା ପ୍ରୟାସ ବାସ୍ତବରେ ପ୍ରଶଂସନୀୟ।

## ନାରୀ ସଂଘର୍ଷର କାହାଣୀ

ନାରୀ ସକଳ ଶକ୍ତିର ଆଧାର । ହେଲେ ସମୟ ଆସିଲେ, ଜଣେ ନାରୀ ଯେକୌଣସି ପରିସ୍ଥିତିକୁ ମୁଣ୍ଡପାତି ସହିନେଇଥାଏ । ଏମିତି ଏକ ଚିନ୍ତାଧାରା ନେଇ ଆସିଥିଲା 'ଦୁର୍ଗା' । 'ଦୁର୍ଗା' ପୂର୍ବରୁ ଅନେକ ଦେବୀଙ୍କ ନାଁ ନେଇ ଚଳଚ୍ଚିତ୍ର ହୋଇଛି । ଉଦାହରଣ ସ୍ୱରୂପ 'ଯା ଦେବୀ ସର୍ବଭୂତେଷୁ'। ତେଣୁ ଆଜିର ସମୟରେ ଦୁର୍ଗା ନାମକରଣର ଏହି ଫିଲ୍ମଟି ଅନ୍ୟ ଏକ ଆକର୍ଷଣ । ଏହି ଚଳଚ୍ଚିତ୍ରରେ ଜଣେ ନାରୀର ସଂଘର୍ଷ ଓ ଧୈର୍ଯ୍ୟର ଚିତ୍ର ଦେଖିବାକୁ ମିଳିଥିଲା ।

## ଧୈର୍ଯ୍ୟର ପ୍ରତୀକ ନାରୀ



ଭାରତୀୟ ସଂସ୍କୃତିରେ ଜଣେ ନାରୀ ପାଇଁ ତା'ର ସ୍ୱାମୀ ହେଉଛି ଇହକାଳ ପରକାଳର ଦେବତା । ଏହାକୁ ପାଥେୟ କରି ଅନେକ ମହିଳା ରହିଛନ୍ତି । ହେଲେ ଏବେ ସ୍ୱାମୀ–ସ୍ତ୍ରୀ'ଙ୍କ ମଧ୍ୟରେ ତୃତୀୟ ଲୋକଟି ଆସି ସମ୍ପର୍କର ପରିଭାଷାକୁ ବଦଳାଇଦେଉଛି । ଏହାରି ଭିତରେ ଜଣେ ନାରୀ, ଘରର ଚାରିକାନ୍ଥ ଭିତରେ ନିରବରେ ନିଜ ସ୍ୱାମୀର ଫେରିବା ବାଟକୁ ଚାହିଁ ବସେ। ଧୈର୍ଯ୍ୟ, ଆତ୍ମବିଶ୍ୱାସ, ଲୁହ, ତପସ୍ୟା, ସଂଘର୍ଷ ଭିତରେ ସେ ପୁଣି ନିଜ ସ୍ୱାମୀକୁ ଭଲ ରାସ୍ତାରେ ଫେରାଇ ଆଣେ। ମହିଳାଙ୍କ ଅକୁହା କଥାକୁ ନେଇ ଏବେ ରିଲିଜ୍ ହୋଇଯାଇଛି ଓଡ଼ିଆ ଚଳଚ୍ଚିତ୍ର 'ୱାଇଫ୍'। ବିଜୟ କାଣ୍ଡୋଇଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଭୂମିକାରେ ଅଛନ୍ତି ବର୍ଷା ପ୍ରିୟଦର୍ଶନୀ। ବର୍ଷାଙ୍କ ଚମତ୍କାର ଅଭିନୟ ଏହି ଚଳଚ୍ଚିତ୍ରକୁ ବହୁତ ଆଗକୁ ନେବ ବୋଲି ଆଶା ରହିଛି । ■

ସିନେ ସମୀକ୍ଷକ,
ଭୁବନେଶ୍ୱର








ରମେଶ ବାରିକ

# ବଢୁଛି ଓଡ଼ିଆ ସିନେମାର ଆଦର

୨୦୨୪ ମସିହା ଦଶହରାରେ ଯେଉଁ ଚାରୋଟି ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିଥିଲା, ତାହାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଫିଲ୍ମ 'କର୍ମ', 'ଭିଲେନ୍', ହେଉ କି 'ଖୋକାଭାଇ ତମ ପାଇଁ' ଓ 'ଦୁର୍ଗା', ଏଥିରେ ଫିଲ୍ମ ନିର୍ମାତାଙ୍କ କଠିନ ପରିଶ୍ରମ ସାଙ୍ଗକୁ କଳାକାରଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଆଦୃତି ଲାଭ କରିଛି । ଅମିୟ ପଟ୍ଟନାୟକଙ୍କ ପ୍ରଡକ୍ସନ୍ ଦ୍ୱାରା ନିର୍ମିତ, ଅନୁଭବ ମହାନ୍ତି ଅଭିନୀତ 'କର୍ମ' ଚଳଚ୍ଚିତ୍ରଟି ବେଶ୍ ବ୍ୟାବସାୟିକ ସଫଳତା ପାଇ ପାରିଥିଲା । ୫୦ ଦିନରୁ ଅଧିକ ଦିନ ଧରି ଏହି ସିନେମାଟି ଓଡ଼ିଶା ସହିତ ଅନ୍ୟାନ୍ୟ ରାଜ୍ୟରେ ଦର୍ଶକୀୟ ସ୍ୱୀକୃତି ପାଇପାରିଥିଲା । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମୟୀ, ଦିବ୍ୟାଦିଶା, ସନୋଜ, ମନ୍ମୟ ପ୍ରମୁଖ ବେଶ୍ ସୁନ୍ଦର ଅଭିନୟ କରିଥିଲେ । 'ଚିରିଂ ଚିରିଂ'ଗୀତଟି ଏକ ଉଦାହରଣ ସୃଷ୍ଟି କରିଥିଲା । ସେହିପରି ଦଶହରାରେ ଓଡ଼ିଆ ଚଳଚ୍ଚିତ୍ର 'ଭିଲେନ୍' ମଧ୍ୟ ବେଶ୍ ଆଦୃତ ହୋଇଥିଲା । ଏହି ବ୍ୟୟବହୁଳ ଚଳଚ୍ଚିତ୍ରଟିର ପ୍ରଯୋଜକ ହେଉଛନ୍ତି ଅର୍ଦ୍ଧେନ୍ଦୁ । ଅର୍ଦ୍ଧେନ୍ଦୁଙ୍କ ସହିତ ତମନ୍ନା ବ୍ୟାସ, ସମରେଶ ରାଉତରାୟ, ବବି ମିଶ୍ର, କ୍ରିଷ୍ଣା କରଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଥିଲା ।




## ନାରୀଭିତ୍ତିକ ଚଳଚ୍ଚିତ୍ର

ଦୁର୍ଗାପୂଜା ସମୟର ଅନ୍ୟ ଏକ ଆକର୍ଷଣ ଥିଲା 'ଦୁର୍ଗା' । । ଏହି ଚଳଚ୍ଚିତ୍ରରେ ଜଣେ ନାରୀର ସଂଘର୍ଷ ଓ ଧୈର୍ଯ୍ୟର ଅମାପ ଶକ୍ତି ଦେଖିବାକୁ ମିଳିଥିଲା । ପ୍ରୀତମଙ୍କ ପ୍ରଯୋଜିତ ଏବଂ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ମୁଖ୍ୟ ନାୟିକା ଥିଲେ ପୁନମ ମିଶ୍ର ଓ ମୁମ୍ବାଇର ଈଷା ତଲୱାର । କାହାଣୀରେ ଥିଲେ ନିଜେ ତାପସ ସରଘରିଆ ।

## 'ରଙ୍ଗଶୁର'ରେ ଲୋକକଳାର ଝଲକ




୨୦୨୫ ପ୍ରଥମାର୍ଦ୍ଧରେ ଲୋକକଳା ଓ ଲୋକନୃତ୍ୟ ସହିତ କଳାକାରଙ୍କ ଜୀବନକୁ ନେଇ ଏକ ଖୁବ୍ ହୃଦୟସ୍ପର୍ଶୀ ସିନେମା ମୁକ୍ତିଲାଭ କରିଛି– 'ରଙ୍ଗଶୁର' । 'ରଙ୍ଗଶୁର' ସିନେମାରେ ଲୋକନୃତ୍ୟ ସହିତ ଜଙ୍ଗଲ ସୁରକ୍ଷା, ନିଶାମୁକ୍ତି ଓ ସମାଜଗଠନ ପରି ଦୃଢ଼ ବାର୍ତ୍ତା ଦିଆଯାଇଛି । ପୁଅମାନଙ୍କ ପରି ଝିଅମାନେ ମଧ୍ୟ ବଂଶ ପରମ୍ପରାକୁ ଆଗେଇ ନେଇପାରିବେ ବୋଲି ବାର୍ତ୍ତା ମଧ୍ୟ ରହିଛି । ଫିଲ୍ମର କାହାଣୀ, ଅଭିନେତାମାନଙ୍କ ବଳିଷ୍ଠ ଅଭିନୟ ମଧ୍ୟରେ କିଛିଟା ଅନ୍ଧାରୁଆ, କୁହୁଡ଼ି ଦୃଶ୍ୟ, ଏଡିଟିଂରେ ସମସ୍ୟା ପାଇଁ ଯେତେ ଆଶା କରାଯାଉଥିଲା, ତାହା ଦେଖିବାକୁ ମିଳିଲା ନାହିଁ। ନିର୍ଦ୍ଦେଶକ ପ୍ରତାପ ରାଉତଙ୍କର ଏହା ପ୍ରଥମ ନିର୍ଦ୍ଦେଶିତ ସିନେମା ହୋଇଥିବାରୁ 'ରଙ୍ଗଶୁର' ପରି ଏକ ଉଦ୍ୟମ ପ୍ରଥମରୁ କରିବା ପ୍ରଶଂସନୀୟ ନିଶ୍ଚୟ ।

## ପରଦାରେ ଓଡ଼ିଶାର ସ୍ୱାଭିମାନ

ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ଫିଲ୍ମ 'ଦମନ'ର ନିର୍ମାତା ଦୀପେନ୍ଦ୍ର ସାମଲ 'ପରବ' ପରି ଏକ ମୌଳିକ କାହାଣୀକୁ ନେଇ ଫେରିଛନ୍ତି । 'ପରବ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଦିପନ୍ୱୀତ, ସୂର୍ଯ୍ୟମୟୀଙ୍କ ସମେତ ଅନେକ ସିନେତାରକା । ଓଡ଼ିଶାର ସୀମାବିବାଦ ଓ ସମ୍ବେଦନଶୀଳ ବିଷୟକୁ ଆଧାର କରି ନିର୍ମିତ ହୋଇଥିବା 'ପରବ' ଓଡ଼ିଆ ଚଳଚ୍ଚିତ୍ରକୁ ଭଲପାଇଥିବା ଏକ ନିର୍ଦ୍ଦିଷ୍ଟବର୍ଗର ଦର୍ଶକମାନଙ୍କୁ ଆକୃଷ୍ଟ କରିଥିବାବେଳେ ସାଧାରଣ ଜନତାଙ୍କୁ ଆକର୍ଷିତ କରିପାରିନାହିଁ । ଓଡ଼ିଶାର ସ୍ୱାଭିମାନକୁ ନେଇ ପ୍ରସ୍ତୁତ ହୋଇଥିବା 'ପରବ' ଆଗାମୀ ଦିନରେ ଜାତୀୟସ୍ତରରେ ଆଦୃତ ହେବା ସହିତ ପୁରସ୍କୃତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ।

## ଆକ୍ସନ୍ ଭିତ୍ତିକ ଫିଲ୍ମ

ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ଭାଇ'ରେ ଭାଇଭଉଣୀର ସମ୍ପର୍କ ସହିତ ଆକ୍ସନ ମଜା ନେଇପାରିବେ । ଏହି ସିନେମାର ପ୍ରଯୋଜକ ହେଲେ ଆମରା ଷ୍ଟୁଡ଼ିଓ ଓ ଶ୍ରେୟାନ୍ସ ପ୍ରଡକସନ୍ ପୃଥ୍ୱୀରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ଅମ୍ଳାନ ଦାସ, ସୁଜିତ୍ ପାଇକରାଏ ଓ ଦିବ୍ୟା । ଅନ୍ୟମାନଙ୍କ ମଧ୍ୟରେ ଅନନ୍ୟା ଓ ବିକାଶ ମଧ୍ୟ ଅଭିନୟ କରିଛନ୍ତି ।

## ଓଲିଉଡ୍‌ରେ ହରର୍ ଛିଟା

ମା' ଗାୟତ୍ରୀ ଫିଲ୍ମସ୍ ବ୍ୟାନରରେ ଆସିଛି ଏକ ଥ୍ରିଲର ଫିଲ୍ମ 'ଅଦୃଶ୍ୟ' । ଦୂର ଜଙ୍ଗଲକୁ ସାତଜଣ ଭ୍ରମଣରେ ଯାଇଥିବାବେଳେ ଜଣକ ପରେ ଜଣେ ଅଦୃଶ୍ୟ ହୋଇଯାଉଛନ୍ତି । ନାୟକ ଓ ନାୟିକାଙ୍କୁ ଛାଡ଼ି ସମସ୍ତେ ମୃତ୍ୟୁମୁଖରେ ପଡୁଛନ୍ତି । କିଏ ସେ ଅଦୃଶ୍ୟ ଆତତାୟୀ କ'ଣ ତା'ର ଉଦ୍ଦେଶ୍ୟ ଏସବୁ ଦର୍ଶକଙ୍କ ପାଇଁ ଉତ୍ସାହ ପରି ରହିଛି । ସାଧାରଣତଃ ଏପରି ହରର ଫିଲ୍ମ ବଲିଉଡ୍‌ରେ ଦେଖାଯାଉଥିବାବେଳେ ଓଡ଼ିଆ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଆଶା କରାଯାଇପାରେ । ସେହିପରି ଓଡ଼ିଶା ସହିତ ଫିଲ୍ମର ଦୃଶ୍ୟାଙ୍କନ ମୁଖ୍ୟତଃ ଲାଦାଖ ଓ ମନାଲିରେ ହୋଇଥିବାରୁ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଉଛି । ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ସାୟଲ ମୁଖାର୍ଜୀ, ଲିପ୍ସା ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି ।



## ବିବାହର ମୂଲ୍ୟବୋଧକୁ ନେଇ 'ୱାଇଫ୍'

ଘରର ଚାରିକାନ୍ଥର ମୂକସାକ୍ଷୀ, ତା' ଲୁହ, ତ୍ୟାଗ, ତପସ୍ୟା, ସଂଘର୍ଷ ଓ ଅକୁହା କାହାଣୀକୁ ନେଇ ରିଲିଜ୍ ହୋଇଯାଇଛି ଓଡ଼ିଆ ଚଳଚ୍ଚିତ୍ର 'ୱାଇଫ୍' । ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ଥିବା ବିବାହର ମୂଲ୍ୟବୋଧକୁ ଭୁଲିଯାଇଥିବା ଏବେର ସମୟରେ 'ୱାଇଫ୍' ଆସିଛି ସମ୍ପର୍କର ପରିଭାଷାକୁ ନେଇ । ବିଜୟ କାଣ୍ଡୋଇ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଭୂମିକାରେ ଅଛନ୍ତି ବର୍ଷା ପ୍ରିୟଦର୍ଶିନୀ ।

## ଅକ୍ଷୟଙ୍କ ସ୍ମୃତିରେ ଚଳଚ୍ଚିତ୍ର

ଓଡ଼ିଆ ଗୀତ ଓ ସଙ୍ଗୀତର ଏକ ଜୀବନ୍ତ ଇତିହାସ ହେଉଛନ୍ତି ଅକ୍ଷୟ ମହାନ୍ତି । ଓଡ଼ିଶାର ଅନେକ ଲୋକକଥା ଓ ଗୀତକୁ ନେଇ ସେ ସଙ୍ଗୀତ ସଂଯୋଜନା କରିଛନ୍ତି । ତେବେ ତାଙ୍କର କିଛି ପୁରୁଣା ଗୀତର ସ୍ମୃତିକୁ ନେଇ ନୂଆ ରୂପରେ ଆସିଥିଲା ଓଡ଼ିଆ ଚଳଚ୍ଚିତ୍ର 'ଖୋକାଭାଇ ତମ ପାଇଁ' । ଖୋକାଭାଇଙ୍କ ପ୍ରାୟ ୧୦ଟି ଗୀତ ଥିବା ଏହି ପ୍ରେମ କାହାଣୀରେ ସବୁ ଗୀତ ସହିତ ଫଟୋଗ୍ରାଫି ଖୁବ୍ ସୁନ୍ଦର ଥିଲା । ଯାହା ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଥିଲା । ପ୍ରଯୋଜକ ଶୁଭେନ୍ଦୁ କୁମାର ସାହୁ ଏବଂ ନିର୍ଦ୍ଦେଶକ ତଥା ନୃତ୍ୟ ନିର୍ଦ୍ଦେଶକ ହେଲେ ଗିରିଶ ମହାନ୍ତି । ସ୍ୱରାଜ, ଲକି ମନୀଷା, ଉପାସନା, ସୁକାନ୍ତ, ତାପସ ସରଘରିଆ, ଅଙ୍କିତା ଓ ସରୋଜ ପ୍ରମୁଖ ଦମ୍‌ଦାର ଅଭିନୟ କରିଛନ୍ତି ।







## ଓଡ଼ିଆ ସଂସ୍କୃତି ଓ ପରମ୍ପରାର କଥା

ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆଉ ଏକ ସିନେମା ଆସିବାକୁ ପ୍ରସ୍ତୁତ ହେଉଛି 'ଆଜିର ରେବତୀ' । ସମ୍ପୂର୍ଣ୍ଣ ନାରୀ ଭିତ୍ତିକ ମୌଳିକ ଓ ପାରିବାରିକ କାହାଣୀ ଉପରେ ପର୍ଯ୍ୟବସିତ 'ଆଜିର ରେବତୀ' ଓଡ଼ିଆ ଓ ବଙ୍ଗଳା ଭାଷାରେ ନିର୍ମିତ । ସେହିପରି ଆଗକୁ 'ଘମାଘୋଟ', 'କେସ୍', 'ଭାଇ', 'ଦେବକନ୍ୟା' ଓ 'ମାଲ୍ୟବନ୍ତ' ପରି ସିନେମା ପ୍ରେକ୍ଷାଳୟକୁ ଆସିବାକୁ ପ୍ରସ୍ତୁତ ହେଉଛି । ଏହା ଦର୍ଶକଙ୍କ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ସିନେ ପ୍ରଯୋଜକ, ଭୁବନେଶ୍ୱର



# ଓଡ଼ିଆ ଚଳଚ୍ଚିତ୍ର
# କିଛି ଆଶା, କିଛି ସମ୍ଭାବନା

ଧୀରେ ଧୀରେ ଓଡ଼ିଆ ସିନେମା ଜଗତରେ ନୂଆ ଆଶା ସଂଚରିବାରେ ଲାଗିଛି । ଯୁବ ପ୍ରଯୋଜକ, ନିର୍ଦ୍ଦେଶକମାନେ ଭିନ୍ନସ୍ୱାଦର ଚଳଚ୍ଚିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି । ବାସ୍ତବଧର୍ମୀ କାହାଣୀ, ନିଛକ ଓଡ଼ିଆ ପରମ୍ପରା, କଳା, ସଂସ୍କୃତି ଆଧାରିତ ସିନେମାକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି । ୨୦୨୪ ଅକ୍ଟୋବରରୁ ବର୍ତ୍ତମାନ ପର୍ଯ୍ୟନ୍ତ ରିଲିଜ୍ ହୋଇଥିବା କେତୋଟି ଓଡ଼ିଆ ସିନେମା ବେଶ୍ ଚର୍ଚ୍ଚା ସାଉଁଟିଛି । ଏହି ପରିପ୍ରେକ୍ଷୀରେ କେତେକ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ପାର୍ବଣରେ ପାଞ୍ଚ ଚଳଚ୍ଚିତ୍ର

୨୦୨୪ ଅକ୍ଟୋବର ପାର୍ବଣରେ ପାଞ୍ଚଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । 'କର୍ମ', 'ଭିଲେନ୍', 'ଖୋକାଭାଇ ତୁମ ପାଇଁ', 'ଦୁର୍ଗା' ଓ 'ସନମ ତୁ ସୁହାନା' - ଏହି ପାଞ୍ଚଟି ଫିଲ୍ମ ମଧ୍ୟରୁ କେତୋଟି ସିନେମା ବେଶ୍ ବ୍ୟାବସାୟିକ ସଫଳତା ହାସଲ କରିଛି । ଆଉ କେତୋଟି ଚଳଚ୍ଚିତ୍ରକୁ ଦର୍ଶକ ପସନ୍ଦ କରିଥିଲେ ମଧ୍ୟ ଆଶାନୁରୂପ ବ୍ୟାବସାୟିକ ସଫଳତା ମିଳିପାରି ନାହିଁ ।

ଓଡ଼ିଆ ସିନେମାର କାହାଣୀରେ ମୌଳିକତା କି ନୂଆପଣ ନାହିଁ । ସେଥିପାଇଁ ସିନେମା ଭଲ ଚାଲୁ ନାହିଁ ଏବଂ ଦର୍ଶକେ ହଲ୍‌ମୁହାଁ ହେଉନାହାନ୍ତି । ଏଭଳି ଅଭିଯୋଗ ହୋଇ ଆସୁଥିବା ବେଳେ ଓଡ଼ିଆ ସିନେ ଉଦ୍ୟୋଗକୁ ନୂଆ ଦିଶା ଦେଖାଇଥିଲା 'ପ୍ରତୀକ୍ଷା' ଓ 'ଦମନ' । ଏହି ଧାରାରେ ୨୦୨୪ ମସିହାରେ ଦଶହରା ଅବସରରେ ମୁକ୍ତିଲାଭ କରିଥିଲା ବହୁ ଚର୍ଚ୍ଚିତ ସିନେମା 'କର୍ମ' । ସିନେମାଟି ତା'ର ବଳିଷ୍ଠ କାହାଣୀ, ଗୀତ ଏବଂ ଆୟ ମାମଲାରେ ଓଡ଼ିଆ ସିନେମା କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି । ଏଥିରେ ତାଙ୍କର ସଚ୍ଚୋଟ ଇନ୍‌ଭେଷ୍ଟିଗେଟିଭ୍ ପୋଲିସ୍ ଅଫିସର୍ ଭୂମିକାରେ ଅଭିନୟକୁ ଦର୍ଶକୀୟ ଆଦୃତି ମିଳିଛି । ଅନୁପମ ପଟ୍ଟନାୟକଙ୍କ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାରେ ଉଭୟ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ଥିଲେ ଅନୁପମ ପଟ୍ଟନାୟକ । ଏଥିରେ ଆକ୍ସନ, ଡ୍ରାମା, ରୋମାନ୍ସକୁ ବି ଦର୍ଶକେ ଉପଭୋଗ କରିଛନ୍ତି । ମୁଖ୍ୟତଃ ପୁରାଣର କର୍ମତତ୍ତ୍ୱ କିଭଳି ସମସ୍ତଙ୍କୁ ନିଜ କର୍ମର ଫଳ ପ୍ରଦାନ କରିଥାଏ, ତାହାକୁ ଏଥିରେ ସୁନ୍ଦର ଭାବେ ଚିତ୍ରାୟିତ କରାଯାଇଛି । ସିନେମାରେ ପ୍ରଥମଥର ପାଇଁ ସୂର୍ଯ୍ୟମୟୀ ଓ ଅନୁଭବଙ୍କ ଯୋଡ଼ିକୁ ବି ଦର୍ଶକ ପସନ୍ଦ କରିଛନ୍ତି । ସିନେମାର କାହାଣୀଠୁ ଅଧିକ ଏହାର 'ଟିଙ୍ଗ ଟିଙ୍ଗ' ଗୀତ ହିଁ ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ସାବ୍ୟସ୍ତ ହୋଇଛି । ଫିଲ୍ମଟିକୁ ଦର୍ଶକୀୟ ଆଦୃତି ମିଳିବା ସହ ବକ୍ସ ଅଫିସ୍‌ରେ ବି ଭଲ ଆୟ କରିଛି । ୫୦ ଦିନରେ ୭ କୋଟିର ବ୍ୟବସାୟ କରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇପାରିଛି । ସେହିପରି ସିନେମାଟିକୁ କେବଳ ଓଡ଼ିଶା ନୁହେଁ, ବରଂ ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ୍ ଆଦି ସହରରେ ବିଭିନ୍ନ ହଲ୍‌ରେ ରିଲିଜ୍ କରାଯାଇଥିଲା ।

ସେହିପରି ୨୦୨୪ ଦଶହରାରେ ଲୋକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବା ପାଇଁ ପ୍ରେକ୍ଷାଳୟରେ ଆସିଥିଲା 'ଭିଲେନ୍- ଲାଇଫ୍ ଅଫ୍ ଏ ଗ୍ୟାଙ୍ଗଷ୍ଟାର୍' । ଏହା ଥିଲା ଏକ ଭିନ୍ନ ଧରଣର ଚଳଚ୍ଚିତ୍ର । ଏହାର କାହାଣୀ ଜଣେ ଗ୍ୟାଙ୍ଗ୍‌ଷ୍ଟାର୍‌ଙ୍କ ଜୀବନୀକୁ ନେଇ ଗତିଶୀଳ । ଏହି ବିଗ୍‌ବଜେଟ୍ ସିନେମାର ମୁଖ୍ୟ ଚରିତ୍ରରେ ଅର୍ଦ୍ଧେନ୍ଦୁ ଏବଂ ତମନ୍ନା ଚମତ୍କାର ଅଭିନୟ କରିଛନ୍ତି । ଅର୍ଦ୍ଧେନ୍ଦୁ ଏଥିରେ ଗ୍ୟାଙ୍ଗ୍‌ଷ୍ଟାର୍ ଚରିତ୍ରରେ ଅଭିନୟ କରିଛନ୍ତି । ଭିଲେନ୍ ଲୁକ୍‌ରେ ଅର୍ଦ୍ଧେନ୍ଦୁଙ୍କ ଆକ୍ସନ, ଷ୍ଟାଇଲ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । 'ଭିଲେନ୍' ବ୍ୟାବସାୟିକ ସଫଳତା ଯାହା ପାଉନା କାହିଁକି, ଦର୍ଶକେ ବେଶ୍ ପସନ୍ଦ କରିଥିଲେ । 'ଆଦିଲକ୍ଷ୍ମୀ ଫିଲ୍ମ ବ୍ୟାନର୍'ରେ ନିର୍ମିତ ଏହି ସିନେମାର ନିର୍ଦ୍ଦେଶକ କେ. ମୁରଲୀକ୍ରିଷ୍ଣା ଓ ପ୍ରଯୋଜକ ଅର୍ଦ୍ଧେନ୍ଦୁ ରହିଥିଲେ ।

ଓଡ଼ିଆ ସଂଗୀତର ଚିରସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କୁ ନେଇ ନିର୍ମିତ ହୋଇଛି 'ଖୋକା ଭାଇ ତୁମ ପାଇଁ' । ଅକ୍ଷୟଙ୍କ ଜୀବନୀ ଗୀତକୁ ନେଇ ୨୦୨୪ ପାର୍ବଣରେ ମୁକ୍ତିଲାଭ କରିଥିଲା ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର 'ଖୋକା ଭାଇ ତୁମ ପାଇଁ' । ଏହି ସିନେମାଟି ପ୍ରଖ୍ୟାତ ଗାୟକ, ସଂଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅକ୍ଷୟ ମହାନ୍ତିଙ୍କ ଗୀତ ମାଧ୍ୟମରେ ଏକ ଆଧୁନିକ କାହାଣୀକୁ ପ୍ରଦର୍ଶିତ କରାଯାଇଛି । ସିନେମାର ନିର୍ଦ୍ଦେଶନାରେ ଗିରିଶ ମହାନ୍ତି ଓ ତାଙ୍କ ଟିମ୍ ଥିବାବେଳେ ପ୍ରଯୋଜନାରେ ଥିଲେ ବିଷ୍ଣୁପ୍ରିୟା ସାହୁ ଏବଂ ଶୁଭେନ୍ଦୁ କୁମାର ସାହୁ । ଏହାର କାହାଣୀ ଭରଦ୍ୱାଜ ପଣ୍ଡା ଏବଂ ଅକ୍ଷୟ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି ଲେଖିଛନ୍ତି । ଏହି ଚଳଚ୍ଚିତ୍ରରେ ସ୍ୱରାଜ ବାରିକ, ଲକି ମନୀଷା, ଉପାସନା, ସରୋଜ ପରିଡ଼ା ପ୍ରମୁଖ ଅଭିନୟ କରିଛନ୍ତି । ଫିଲ୍ମଟି ଅକ୍ଷୟପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିପାରିଥିଲା ।

ସେହିପରି ଗତ ଦଶହରାରେ ମୁକ୍ତିଲାଭ କରିଥିବା ଆଉ ଏକ ଚର୍ଚ୍ଚିତ ଚଳଚ୍ଚିତ୍ର 'ଦୁର୍ଗା' । ଏହା ଏକ ନାରୀ କୈନ୍ଦ୍ରିକ ଚଳଚ୍ଚିତ୍ର । ଏହି ସିନେମାରେ ମହିଳାଙ୍କ ଅଦମ୍ୟ ଭାବନାକୁ ସମ୍ମାନ ଜଣାଯାଇଛି । ସିନେମାର ମୁଖ୍ୟ ଦୁର୍ଗା ଚରିତ୍ରରେ ଅଭିନୟ କରିଛନ୍ତି ପୁନମ୍ ମିଶ୍ର । ସିନେମାର ନିର୍ଦ୍ଦେଶନାରେ ତାପସ ସରଘରିଆ ଏବଂ ତାଙ୍କ ଟିମ୍ ଥିବା ବେଳେ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି କୁମାର ପ୍ରୀତମ ସାହୁ । ତେବେ ଗତ ଅକ୍ଟୋବରରେ ରିଲିଜ୍ ହୋଇଥିବା ଓଡ଼ିଆ ସିନେମା 'ସନମ୍ ତୁ ସୁହାନା' ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇପାରିନଥିଲା ।






## ସୀମା ବିବାଦକୁ ନେଇ 'ପରବ୍'

୨୦୨୪ ଶେଷାର୍ଦ୍ଧରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ପରବ'। ଏହି ସିନେମା ସାରା ଭାରତରେ ୨୦୦ଟି ସିନେମା ହଲରେ ରିଲିଜ୍ ହୋଇଥିଲା। ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ତିନିଟି ଭାଷାରେ ତିଆରି ହୋଇଛି। ଏହି ଫିଲ୍ମ ଓଡ଼ିଶାର ସୀମା ବିବାଦ ଓ ସମ୍ବେଦନଶୀଳ ବିଷୟକୁ ଆଧାର କରି ନିର୍ମିତ ହୋଇଛି। ଚିନ୍ମୟ ଦାସଙ୍କ ନିର୍ଦ୍ଦେଶିତ ଏବଂ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ ଏହି ସିନେମାର ସହ ପ୍ରଯୋଜକ ଅଛନ୍ତି ଅନୁ ଚୌଧୁରୀ। ସେହିପରି ଚିନ୍ମୟ ଦାସ ଏବଂ ଅମିତ କୁମାର ଦାସ ଏହି ସିନେମାର କାହାଣୀ ରଚନା କରିଛନ୍ତି। ଏହାର ମୁଖ୍ୟ ଚରିତ୍ରରେ ଓଲିଉଡ୍ ସୁପରଷ୍ଟାର୍ ସିଦ୍ଧାନ୍ତ ମହାପାତ୍ର ଅଭିନୟ କରିଛନ୍ତି। ସିଦ୍ଧାନ୍ତଙ୍କ ବ୍ୟତୀତ ଏଥିରେ ଅନୁ ଚୌଧୁରୀ, ଦ୍ୱୀପନ୍ୱିତ ଦାସ ମହାପାତ୍ର, ସୂର୍ଯ୍ୟମୟୀ, ପ୍ରଣବ ଦାସ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଫିଲ୍ମକୁ ଦର୍ଶକ ପସନ୍ଦ କରିଛନ୍ତି।

## ଚଳିତବର୍ଷର ଚର୍ଚ୍ଚିତ ଚଳଚ୍ଚିତ୍ର







୨୦୨୫ ନୂଆବର୍ଷର ଆରମ୍ଭରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରକୁ ନେଇ ସିନେପ୍ରେମୀଙ୍କ ଭିତରେ ସରଗରମ ଆଲୋଚନା ହେଉଛି। ନୂଆବର୍ଷରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ୱାଇଫ୍' ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ସାଉଁଟିଛି। 'ବିଦିଶା କ୍ରାଫ୍ଟ' ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମ ଜଣେ ନାରୀ ବା ସ୍ତ୍ରୀର ଅକୁହା କାହାଣୀକୁ ନେଇ ଗତିଶୀଳ ହୋଇଛି। ଦିନକୁ ଦିନ ସମାଜରେ ବିବାହର ପରିଭାଷା କିଭଳି ବଦଳି ଚାଲିଛି, ତାହା ପ୍ରଦର୍ଶିତ ହୋଇଛି ଏହି ଚଳଚ୍ଚିତ୍ରରେ। ଦାମ୍ପତ୍ୟ ଜୀବନର ମହତ୍ତ୍ୱ, ଦାୟିତ୍ୱ, ଭୂମିକା, ସମ୍ମାନର କଥାକୁ ଅତି ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି 'ୱାଇଫ୍' ଚଳଚ୍ଚିତ୍ରରେ। ଏହି ସିନେମାର ମୁଖ୍ୟ ଚରିତ୍ରରେ ବର୍ଷା ପ୍ରିୟଦର୍ଶିନୀ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। ଏହି ସିନେମାରେ ଏକ ସାମାଜିକ ବାର୍ତ୍ତା ରହିଛି, ଯାହା ଦର୍ଶକଙ୍କୁ ଭଲ ଲାଗିଛି।

ସେହିପରି ନୂଆବର୍ଷରେ ମୁକ୍ତିଲାଭ କରିଥିବା ଆଉ ଏକ ଭିନ୍ନ ଧରଣର ଚଳଚ୍ଚିତ୍ର ହେଉଛି 'ରଙ୍ଗଶୁର'। ଓଡ଼ିଶାର ଏକ ପରମ୍ପରିକ ପ୍ରାଚୀନ ଲୋକକଳା, ଲୋକନୃତ୍ୟ ହେଉଛି ବାଘନାଚ। ବିଲୁପ୍ତ ପ୍ରାୟ ବାଘନାଚ ଉପରେ ଆଧାରିତ ଏହି କଥାଚିତ୍ରର କାହାଣୀ। ବାପା ଏବଂ ଝିଅ ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଦୁହେଁ ବାଘନାଚ କଳାକୁ କେମିତି ପୁନରୁଦ୍ଧାର କରିପାରିବେ, ତାହା ଚଳଚ୍ଚିତ୍ର 'ରଙ୍ଗଶୁର'ରେ ପ୍ରଦର୍ଶିତ ହୋଇଛି। ସିନେମାର ବିଭିନ୍ନ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ, ଶୁଭଶ୍ରୀ ପ୍ରମୁଖ ଅଭିନୟ କରିଛନ୍ତି। 'ରଙ୍ଗଶୁର'କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି।

ନିକଟରେ ପ୍ରେକ୍ଷାଳୟକୁ ଆସିଛି ନୂଆ ଓଡ଼ିଆ ସିନେମା 'ଅଦୃଶ୍ୟ'। ଅପରିଚିତ ସାତଜଣ ବ୍ୟକ୍ତି ଏକ ଟ୍ରାଭେଲ୍ ଏଜେନ୍ସି ମାଧ୍ୟମରେ ବଣଭୋଜି ପାଇଁ ଦାରିଙ୍ଗବାଡ଼ି ଯାଉଛନ୍ତି। ତେବେ ସେମାନଙ୍କର ଫେରିବା ବାଟରେ ଗାଡ଼ି ଖରାପ ହୋଇଯାଉଛି ଏବଂ ସମସ୍ତେ ଗୋଟିଏ ଆଦିବାସୀ ହଷ୍ଟେଲରେ ରାତିକ ପାଇଁ ରହିଛନ୍ତି। ସକାଳେ ଡ୍ରାଇଭର୍ ୧୫ କିମି ଦୂର ଏକ ଗାଁକୁ ଗାଡ଼ି ସଜାଡ଼ିବାକୁ ନେଉଛି। ଏତିକିବେଳେ ମାଓବାଦୀମାନେ ଗାଁର ଉଭୟପାର୍ଶ୍ୱ ରାସ୍ତା ଅବରୋଧ କରିଥିବା ସେମାନେ ଜାଣିବାକୁ ପାଉଛନ୍ତି। ଫଳରେ ସେମାନଙ୍କୁ ବାଧ୍ୟ ହୋଇ ସେଠାରେ ଆଉ କିଛିଦିନ ରହିବାକୁ ପଡୁଛି। ଏହାରି ଭିତରେ ନାୟକ ନାୟିକାଙ୍କୁ ଛାଡ଼ି ଜଣ ଜଣ କରି କୌଣସି ଅଜଣା ଆତତାୟୀ ହତ୍ୟା କରୁଛି। ଅବଶ୍ୟ ଶେଷରେ ନାୟକ, ନାୟିକା ରହସ୍ୟର ଉନ୍ମୋଚନ କରୁଛନ୍ତି। ସିନେମାର ବିଭିନ୍ନ ଚରିତ୍ରରେ ଅଭିଷେକ ଗିରି, ସାୟର ମୁଖାର୍ଜୀ, ଲିପ୍ସା ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ନୀଳମଣି ସାହୁ, ଅନନ୍ତ ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି।

## ମୁକ୍ତିଲାଭ ଅପେକ୍ଷାରେ ଚଳଚ୍ଚିତ୍ର

ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମସିହାରେ ମୁକ୍ତିଲାଭ କରିବାକୁ ଥିବା କେତୋଟି ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଖୁବ୍‌ଶୀଘ୍ର ଆସୁଛି ନୂଆ ଓଡ଼ିଆ ସିନେମା 'ରାଣ୍ଡୀ ପୁଅ ଅନନ୍ତା।' ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଲୋକପ୍ରିୟ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା'କୁ ଆଧାର କରି ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ସିନେମାର ମୁଖ୍ୟ ଚରିତ୍ରରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ ଅଭିନୟ କରିଛନ୍ତି। ଏଥିରେ ତାଙ୍କୁ ଅନନ୍ତା ଚରିତ୍ରରେ ଦେଖିବାକୁ ମିଳିବ। ଏହି ସିନେମାରେ ସେ ଏକ ଭିନ୍ନ ଲୁକ୍‌ରେ ନଜର ଆସିବେ। ତେବେ ଫାଷ୍ଟଲୁକ୍‌ରେ ସବ୍ୟସାଚୀଙ୍କ ପେଟ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ସିନେମାର ନିର୍ଦ୍ଦେଶକ ହେଉଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର।






ସେହିପରି ଚଳିତ ବର୍ଷ ଆଉ ଏକ ନୂଆ ଓଡ଼ିଆ ସିନେମା 'ଆଜିର ରେବତୀ' ମୁକ୍ତିଲାଭ କରିବ। ସିନେମାରେ ସାଂପ୍ରତିକ ସମୟର କାହାଣୀ ଦେଖିବାକୁ ମିଳିବ। ଜଣେ ନାରୀ କିଭଳି ତା' ଜୀବନ ରାସ୍ତାରେ ଆସୁଥିବା ସମସ୍ୟାକୁ ସାମ୍ନା କରୁଛି। ଯାହାକୁ ଖାତିର୍ ନ କରି କିଭଳି ଭାବେ ସେ ତା' ଲକ୍ଷ୍ୟପଥରେ ଆଗକୁ ଯାଉଛି, ତାହାକୁ ନେଇ ହିଁ ଏହି ସିନେମାର କାହାଣୀ ଗତିଶୀଳ। ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକଧର୍ମୀ। ସାହିତ୍ୟିକ ତଥା ଗୀତିକାର ବଦ୍ରି ମିଶ୍ରଙ୍କ କ୍ଷୁଦ୍ରଗଳ୍ପ ଆଧାରରେ ଏହି ସିନେମା ନିର୍ମିତ। ଏଥିରେ 'ରେବତୀ' ଚରିତ୍ରରେ ଶୀତଲ ଅଭିନୟ କରୁଛନ୍ତି। ତାଙ୍କ ବିପକ୍ଷରେ ନାୟକ ଅଛନ୍ତି ବନି ସେନଗୁପ୍ତା। ଏହା ଉଭୟ ଓଡ଼ିଆ ବଙ୍ଗଳା ଭାଷାରେ ଏହା ମୁକ୍ତିଲାଭ କରିବ।




୨୦୨୫ ମସିହାରେ ରିଲିଜ୍ ହେବାକୁ ଥିବା ଆଉ ଏକ ଚଳଚ୍ଚିତ୍ର ହେଉଛି ପୁରୀ ସଂସ୍କୃତି ଓ ପରମ୍ପରା କାହାଣୀ ଆଧାରିତ 'ଦେବକନ୍ୟା'। 'ଦେବକନ୍ୟା' ଦେବତାଙ୍କୁ ସମର୍ପିତ କଳାର ଏକ ବାସ୍ତବ ରୂପ ଆଉ ରୂପାନ୍ତର। ସେ ପୁରୁଷ ନୁହେଁ, ସେ ନାରୀ ନୁହେଁ, ସେ 'ଦେବକନ୍ୟା'। ସମାଜ ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷର ଆରମ୍ଭ ହୁଏ। ଆଉ ପରିବାର ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷ ହାରିଯାଏ। ପରିବାର ଆଉ ସମାଜର ବିରୋଧାଭାସରେ ଲୋକ କଳାକାରଟିଏ କେମିତି ନିଆଁର ଶେଯରେ ଚାଲୁଛି, ତାହାକୁ ନେଇ 'ଦେବକନ୍ୟା'ର କାହାଣୀ ଗତିଶୀଳ। ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀ। ପ୍ରଯୋଜକ ସୁରେଶ ସାହୁ, ସହ ପ୍ରଯୋଜକ ଭାର୍ଗବୀ ତ୍ରିପାଠୀ, ନିର୍ଦ୍ଦେଶକ ରାସେଶ ମହାନ୍ତି (ସିଲୁ), କ୍ରିଏଟିଭ ହେଡ୍ ଶ୍ୟାମା ପ୍ରସାଦ ମିଶ୍ର ରହିଛନ୍ତି। ଏଭଳି ଆହୁରି କେତେକ ନୂଆ ଓଡ଼ିଆ ଚଳଚ୍ଚିତ୍ର ଚଳିତ ବର୍ଷ ମୁକ୍ତିଲାଭ କରିବାକୁ ଯାଉଛି। ■

# ଓଡ଼ିଆ ସିନେମା କିଛି ପ୍ରତିକ୍ରିୟା



ପୂଜାପାର୍ବଣରେ ସିନେମା ହଲ୍‌ରେ ପ୍ରବଳ ଭିଡ଼ ଲାଗିଥାଏ । କାରଣ ଏହି ସମୟରେ ନୂଆ ନୂଆ ସିନେମା ପ୍ରେକ୍ଷାଳୟକୁ ଆସିଥାଏ । ଗାଁ'ଠୁ ସହର, ସବୁଠି ଦର୍ଶକ ସିନେମାର ମଜା ନିଅନ୍ତି । ତେଣୁ ଦର୍ଶକଙ୍କ ପସନ୍ଦ ଅନୁଯାୟୀ ଏବେ ଓଡ଼ିଆ ସିନେ ନିର୍ମାତାମାନେ ମୌଳିକ କାହାଣୀକୁ ନେଇ ଅନେକ ଫିଲ୍ମ କରୁଛନ୍ତି । ଏଥିରେ ସଫଳ ହେଉଛନ୍ତି ମଧ୍ୟ । ତେବେ ନିକଟରେ ରିଲିଜ୍ ହୋଇଥିବା କିଛି ହାତଗଣତି ଓଡ଼ିଆ ଫିଲ୍ମକୁ ନେଇ ଦର୍ଶକ, ଅଭିନେତା, ସିନେ ନିର୍ଦ୍ଦେଶକ କ'ଣ କହୁଛନ୍ତି, ଜାଣିବା ତାଙ୍କ ମୁହଁରୁ ।



## "ଓଡ଼ିଆ ସିନେମାର ଭାଗ୍ୟ ଉଜ୍ଜ୍ୱଳ'

ଦିନକୁ ଦିନ ଓଡ଼ିଆ ସିନେମା ତିଆରିରେ ଅନେକ ପରିବର୍ତ୍ତନ ଆସୁଛି । ଗୋଟେ ଅଢ଼େଇ ଘଣ୍ଟା ସିନେମାରେ ଦର୍ଶକଙ୍କୁ ମନୋରଞ୍ଜନ ମିଳିଲେ ତାହାକୁ ସେମାନେ ଦେଖନ୍ତି । ଏହାକୁ ଧ୍ୟାନ ଦେଇ ସିନେ ନିର୍ମାତାମାନେ ମୌଳିକ କାହାଣୀକୁ ନେଇ ସିନେମା ତିଆରି କରୁଛନ୍ତି । ତା'ସହିତ ଟେକ୍ନୋଲୋଜି, ସାଉଣ୍ଡ, ଲାଇଟ୍, କ୍ୟାମେରା, ଏଡିଟିଂ ଆଦି ପ୍ରତ୍ୟେକ କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଆଉ ସୌଭାଗ୍ୟର ବିଷୟ ଅନେକ ଓଡ଼ିଆ ପିଲା ବାହାରୁ ପାଠ ପଢ଼ି ଆସି ସିନେମା ଲାଇନ୍‌ରେ କାମ କଲେଣି । କଳାକାରମାନେ ଭଲ କାମ କରିବାକୁ ଯତ୍ନବାନ ହେଲେଣି । ଏହାଦ୍ୱାରା ମଧ୍ୟ ସିନେମାର ଭାଗ୍ୟ ଉଜ୍ଜ୍ୱଳ ହେଉଛି । ଆଗକୁ ମଧ୍ୟ ହେବ । ତେବେ ୨୦୨୪ ମସିହା ଅକ୍ଟୋବର ପରେ ଯେଉଁ କିଛି ସିନେମା ଯଥା- 'କର୍ମ', 'ପରବ', 'ରଙ୍ଗଶୁର', 'ଖୋକାଭାଇ ତମ ପାଇଁ' ଆଦି ପ୍ରେକ୍ଷାଳୟକୁ ଆସିଛି । ସେଥିରେ ସସପେନ୍ସ, ଥ୍ରିଲର, ରୋମାନ୍ସ ଆଦି ଭରପୂର ରହିଥିବାରୁ ଦର୍ଶକ ଏହାକୁ ଗ୍ରହଣ କରୁଛନ୍ତି । ■

**ସ୍ୱରାଜ ବାରିକ**
ଅଭିନେତା



## "ଭଲ ସିନେମାକୁ ଦର୍ଶକୀୟ ପ୍ରଶଂସା'

୨୦୨୨ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ଦମନ' । 'ଦମନ' ମୁକ୍ତିଲାଭ କଲାପରେ ଲୋକେ ସେହି ଫିଲ୍ମ ଦେଖିବାକୁ ସିନେମା ହଲ୍‌ରେ ଲାଇନ ଲଗାଇଥିଲେ । ତେବେ କେତେକ ଓଡ଼ିଆ ଫିଲ୍ମ ଦୁଇ ତିନୋଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରେ । କେବେ ଏହା ଚାଲିଯାଏ, କେହି ଜାଣିପାରନ୍ତି ନାହିଁ । ତେଲୁଗୁ ଫିଲ୍ମର କାହାଣୀ, ଅଭିନୟ ଓ ନୃତ୍ୟ ଧୀରେ ଧୀରେ ଦର୍ଶକଙ୍କୁ ଓଡ଼ିଆ ସିନେମାରୁ ବିମୁଖ କରି ଦେଇଥିଲା । ଏପରି ଅନେକ ଓଡ଼ିଆ ଟିଭି ଚ୍ୟାନେଲ୍ ତେଲୁଗୁ ତାମିଲ ଫିଲ୍ମକୁ ଓଡ଼ିଆରେ ଡବ୍ କରି ପ୍ରଦର୍ଶିତ କରୁଥିଲେ । ଫଳରେ ଦର୍ଶକ ସେହି ଫିଲ୍ମର ଓଡ଼ିଆ ରିମେକ୍‌କୁ ଟଙ୍କା ଦେଇ ସିନେମା ହଲ୍‌ରେ ଦେଖିବାକୁ ଆଗ୍ରହ ପ୍ରକାଶ କରୁ ନଥିଲେ । କିନ୍ତୁ 'ଦମନ' ପରେ ଅନେକ ଭଲ ସିନେମାକୁ ଦର୍ଶକୀୟ ସ୍ୱୀକୃତି ମିଳିଛି । ଏଥିରୁ ଜଣାପଡ଼ିଥିଲା ଯେ, ଲୋକେ ମଜଭୁତ ବିଷୟବସ୍ତୁ, ସୁନ୍ଦର କାହାଣୀ, ଉଚ୍ଚକୋଟୀର ସଂଳାପକୁ ସର୍ବାଗ୍ରେ ପ୍ରାଧାନ୍ୟ ଦେଉଛନ୍ତି । ଓଡ଼ିଆ ଦର୍ଶକ ଏବେ ସେହି ସେଇ ପୁରୁଣା କାହାଣୀ 'ଶେଷ ଶ୍ରାବଣ', 'ଗପ ହେଲେ ବି ସତ', 'କିଏ କାହାର', 'ସ୍ୱପ୍ନ ସାଗର', 'ଯାଯାବର' ଭଳି ଫିଲ୍ମକୁ ଝୁରୁଛନ୍ତି । ୨୦୨୪ ମସିହାରେ ଅକ୍ଟୋବରରେ ମୁକ୍ତିଲାଭ କରିଥିବା ଫିଲ୍ମ 'କର୍ମ' , 'ଦମନ' ଭଳି ସଫଳତାକୁ ଦୋହରାଇଛି । ତେଣୁ ୨୦୨୫ ମସିହାରେ ଏହି ଭଳି ଭଲ ବିଷୟବସ୍ତୁ, କାହାଣୀ ଓ ସୁନ୍ଦର ସଂଳାପ ଥିବା ସିନେମା ଆମ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ତିଆରି କରିବେ ବୋଲି ଆଶା କରାଯାଏ । ■

**ଆଦ୍ୟାଶା ପଣ୍ଡା**, ଦର୍ଶକ



## "ଉନ୍ନତି କରୁଛି ଓଡ଼ିଆ ସିନେମା'

ଧୀରେ ଧୀରେ ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ହେଉଛି । 'ପରବ୍'ଠୁ ଆରମ୍ଭ କରି 'ରଙ୍ଗଶୁର', 'ବଇଦ', 'ଅଦୃଶ୍ୟ' ଭଳି ଫିଲ୍ମ ମୌଳିକ କାହାଣୀକୁ ନେଇ ତିଆରି କରାଯାଇଛି । ଯାହାକୁ ଧୀରେ ଧୀରେ ଦର୍ଶକ ପସନ୍ଦ କରୁଛନ୍ତି । ଆଶା କରୁଛି, ଆଗାମୀ ଦିନରେ ଏହିପରି ଭାବେ ମୌଳିକ ଓ ନିଛକ କାହାଣୀକୁ ନେଇ ଫିଲ୍ମ ନିର୍ମାଣ କଲେ ଫିଲ୍ମ ଇଣ୍ଡଷ୍ଟ୍ରିର ଉନ୍ନତି ହୋଇପାରିବ । କପି କରି ଚଳଚ୍ଚିତ୍ର ନିର୍ମାଣ କଲେ ଲୋକେ ଦେଖିବେନି । ତେଣୁ ଗତ ଅକ୍ଟୋବରରେ ରିଲିଜ୍ ହୋଇଥିବା କେତୋଟି ଫିଲ୍ମ ମୌଳିକ କାହାଣୀକୁ ନେଇ ତିଆରି କରାଯାଇଥିଲା । ତେଣୁ ଏହି ଭଳି ଚଳଚ୍ଚିତ୍ର ତିଆରି କଲେ ଲୋକେ ପସନ୍ଦ କରିବେ । ତେଣୁ ଲୋକଙ୍କୁ ମନୋରଞ୍ଜନ ତଥା ହାଇଡ୍ରାମା ଭିତ୍ତିକ ଫିଲ୍ମ ଦରକାର । ୨୦୨୪ ଅକ୍ଟୋବରରେ ସଫଳତା ଓ ଅଧିକ ବ୍ୟବସାୟ କରିଥିବା ଫିଲ୍ମ ଥିଲା 'କର୍ମ' । ଯାହା ଏକ ଇତିହାସ ସୃଷ୍ଟି କରିଥିଲା । ତେଣୁ ଏ ପ୍ରକାର ଫିଲ୍ମ ହେବା ଦରକାର । ସେହିପରି ମୌଳିକ କାହାଣୀ ଆଧାରିତ ଫିଲ୍ମ ହେବା ମଧ୍ୟ ଆବଶ୍ୟକ । ଯାହା ଅନ୍ୟ ଭାଷାରେ ରିମେକ୍ ହୋଇପାରିବ । 'ରଙ୍ଗଶୁର' ମଧ୍ୟ ମୌଳିକ କାହାଣୀ ଉପରେ ଆଧାରିତ । ଯେଉଁଥିରେ ବାଘନାଚ ଦେଖାଯାଇଛି । ■

**ପ୍ରଣୟ ଜେଠୀ**
କ୍ରିଏଟିଭ୍ ମୁଖ୍ୟ, ମିଡିଆ ପ୍ଲାନର୍,
ଭୁବନେଶ୍ୱର



## "ଭଲ ସିନେମା ଲୋକଲୋଚନକୁ ଆସିବା ଉଚିତ'

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଗତ କିଛି ବର୍ଷ ଧରି ଅବିଶ୍ୱସନୀୟ ପରିବର୍ତ୍ତନ ଆସିଛି । 'ଦମନ' ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଓ ଦର୍ଶକଙ୍କ ଅବିଶ୍ୱସନୀୟ ଭଲ ପାଇବା ପାଇଛି । ଏହି ଚଳଚ୍ଚିତ୍ରର ସଫଳତା ଓଡ଼ିଆ ଫିଲ୍ମ ନିର୍ମାତାଙ୍କ ମନରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି । ଏବେ ଆମେ ଆମ ସିନେମାକୁ ସର୍ବଭାରତୀୟ ସ୍ତରରେ ରିଲିଜ୍ କରି ପାରୁଛୁ । ଏହା ଓଡ଼ିଶାରେ ସିନେମା ହଲର ଅଭାବକୁ କିଛି ମାତ୍ରାରେ ପୂରଣ କରିପାରୁଛି । ଓଡ଼ିଆ ଦର୍ଶକ ଓ ନିର୍ମାତାଙ୍କ ମଧ୍ୟରେ ଏକ ସୁସମ୍ପର୍କ ସୃଷ୍ଟି ହେଇଛି । ପରିବର୍ତ୍ତନ କେବେ ଗୋଟିଏ ଦିନରେ ଆସେ ନାହିଁ । ବାସ୍ତବଧର୍ମୀ କାହାଣୀକୁ ଦର୍ଶକ ଗ୍ରହଣ କରିବାରେ ଲାଗିଛନ୍ତି । ଓଡ଼ିଆ ସିନେମା ଏବେ ଉଚ୍ଚ ଗୁଣବତ୍ତାର ଟେକ୍ନୋଲୋଜି, ଭିଏଫ୍‌ଏକ୍ସ ଦ୍ୱାରା ଆଧୁନିକ ରୂପ ନେଉଛି । ଅନ୍ୟ ପ୍ରାନ୍ତୀୟ ଭାଷା ଓ ଜାତୀୟ ସିନେମା ସହ ପ୍ରତିସ୍ପର୍ଦ୍ଧା କରିବାକୁ ଏହାର ସୁଯୋଗ ମିଳିଛି । 'ପାବାର', 'କର୍ମ', 'ପରବ', 'ରାଣ୍ଡିପୁଅ ଅନନ୍ତା' ଭଳି ସିନେମାରେ ଆମର ଆଗଧାଡ଼ିର ଅଭିନେତାମାନେ ଚଳଚ୍ଚିତ୍ର ଜଗତର ମଙ୍ଗ ଧରିବା ଏକ ପ୍ରଶଂସନୀୟ ପଦକ୍ଷେପ । ନୂତନ ସିନେ ନିର୍ମାତାଙ୍କ 'ରଙ୍ଗଶୁର' ଓ 'ବଇଦ' ଭଳି ସିନେମାକୁ ଲୋକଲୋଚନକୁ ଆଣିବା ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଶୁଭ ସଙ୍କେତ । ■

**ଦେବୀ ପ୍ରସାଦ ଲେଙ୍କା**
ସିନେ ନିର୍ଦ୍ଦେଶକ



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଅତି ଉତ୍ସାହୀ ଗୋକୁଳାନନ୍ଦ

ପୋଲସରାର ନୂଆ ମଣି ଅତି ଉତ୍ସାହୀ ଗୋକୁଳାନନ୍ଦ କୁଆଡ଼େ ଭାରି ପ୍ରାକ୍ଟିକାଲ ଲୋକ। ସେ ଯାହା କହନ୍ତି, ତାକୁ କାମରେ କରି ଦେଖାନ୍ତି। ଅଟୋ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଲେ ଯେ ନିଜେ ଅଟୋ ଚଳାଇ ଦେଖାଇଲେ। ସେମିତି ମଧ୍ୟାହ୍ନ ଭୋଜନରେ ସ୍କୁଲ ପିଲାଙ୍କୁ କ୍ଷୀର ଦେବାକୁ ଘୋଷଣା ସହ ତାକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କଲେ। ତେଣୁ କଥା ଆଉ କାମରେ ପ୍ରାକ୍ଟିକାଲ ଗୋକୁଳାନନ୍ଦଙ୍କ ଘୋଷଣା ପରେ ସ୍କୁଲ ପିଲା ଭାରି ଖୁସି। ସ୍କୁଲକୁ ନିୟମିତ ଆସୁଥିବା ପିଲା ଓ କେବଳ ଅଣ୍ଡାଖିଆ ବାରରେ ଅନିୟମିତ ଆସୁଥିବା ପିଲା ସମସ୍ତେ ଖୁସିରେ ନାଚୁଛନ୍ତି। ପୂର୍ବରୁ ସ୍କୁଲରେ ଦି' ଦିନ ଅଣ୍ଡା ମିଳୁଥିଲା, ଏବେ ପିଲାଙ୍କୁ ଦୁଇ ଦିନ ଦି'ଶ ମିଲି ଲିଟର କ୍ଷୀର ମିଳିବ। ତେଣୁ ମୟୂରଭଞ୍ଜରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅନ୍ୟ ସ୍ଥାନରେ କେବେ ଆରମ୍ଭ ହେବ ବୋଲି ଅନ୍ୟ ଜିଲ୍ଲାଗୁଡ଼ିକର ପିଲାମାନେ ସେମାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚାରିବା ଆରମ୍ଭ କଲେଣି। ହେଲେ କିଛି ନିନ୍ଦୁକ ଗୋକୁଳାନନ୍ଦଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ନେଇ ଯାବତୀୟ ପ୍ରଶ୍ନ କରୁଛନ୍ତି। ସ୍କୁଲରେ କ୍ଷୀର ଦିଆଯିବା ନିଷ୍ପତ୍ତି ନେବାକୁ ଗୋକୁଳାନନ୍ଦଙ୍କ କ୍ଷମତା ଅଛି କି ? ଯଦି ପିଲାଙ୍କୁ କ୍ଷୀର ଦିଆଯିବ, ତେବେ ଏତେ ପରିମାଣର କ୍ଷୀର କେଉଁଠୁ ଆସିବ ? ପିଲାଙ୍କୁ ତଟକା ଦିଆଯିବ ନା ଅନ୍ୟ ରାଜ୍ୟରୁ ଆମଦାନୀ ଗୁଣ୍ଡ କ୍ଷୀରରେ ପାଣି ମିଶାଇ ଦିଆଯିବ ? ପିଲାମାନେ ଘରୁ ବୋତଲ ବା ଗ୍ଲାସ ଆଣିବେ ନା ତାକୁ ସରକାର ଯୋଗାଇବେ ବୋଲି ନାନାଦି ପ୍ରଶ୍ନ ଶୁଣି ଶିକ୍ଷକଙ୍କ ମୁଣ୍ଡ ଟିଣ, ସରକାର ଆଉ ଗଣଶିକ୍ଷା ବିଭାଗର ମୁଣ୍ଡ ଗୋଲ...। ■



## ଆଳୁ ପ୍ରଶ୍ନ ପଚାରିବା ମନା

ଛଅ ମାସ ହେଲା ରାଜ୍ୟରେ ଆଳୁ ଦର ଉପରକୁ ଉଠୁଛି, ତଳକୁ ଖସୁଛି। କୋଡ଼ିଏରୁ ଦର ବଢ଼ିବଢ଼ି ଷାଠିଏ ଛୁଇଁଥିଲା, ଏବେ ଖସିଖସି ପଇତିରିଶିରୁ ଚାଳିଶି ଭିତରେ ଡ଼ିଆଁକୁଦା କରୁଛି। ସଜ ଖୋଳା ନୂଆ ଆଳୁ କିଲୋ ବି ପଇଁତିରିଶିରୁ କମ୍‌ରେ ମିଳୁନାହିଁ। ରାଜ୍ୟର ଲୋକଙ୍କ ସ୍ୱାର୍ଥ ଅପେକ୍ଷା ମନ୍ତ୍ରୀ ଆଉ ତାଙ୍କ ସରକାର ନିଜ ରାଜନୈତିକ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ଆଳୁ କଷ୍ଟରେ ଖାଉଟି ଦହଗଞ୍ଜ ହେଉଥିବା ବେପାରୀମାନେ କହୁଛନ୍ତି। ପଶ୍ଚିମବଙ୍ଗର ଦିଦିଙ୍କୁ ଟିକିଏ ଅନୁରୋଧ କରିଥିଲେ ସିଏ ସୀମା ଖୋଲି ଓଡ଼ିଶା ଉପରେ ଆଳୁ ଅଜାଡ଼ି ଦେଇଥାଆନ୍ତେ, ମାତ୍ର ତାହା କରିବା ପରିବର୍ତ୍ତେ ମନ୍ତ୍ରୀ ଢ଼େର କାଳ ଉତ୍ତରପ୍ରଦେଶ ଆଉ ପଞ୍ଜାବରୁ ଆଳୁ ରେଳ ଆଣିବା ଲଣ୍ଠନ ଦେଖାଇଲେ। ଚାରିମାସ ତଳେ ଉତ୍ତରପ୍ରଦେଶରେ ଆଳୁ ରେଳ ଲୋଡ୍ ହୋଇ ଠିଆ ହୋଇଛି ଯେ ଓଡ଼ିଶା ଆସିବାକୁ ରାସ୍ତା ପାଉନାହିଁ। ଭୋଟ ପରେ ଦର ବୃଦ୍ଧି ଯନ୍ତ୍ରଣା ରାଜ୍ୟର ଖାଉଟିଙ୍କୁ ଅତିଷ୍ଠ କରିଥିଲେ ବି ଏ କଥା ବୁଝିବାକୁ ସରକାରଙ୍କୁ ତର ନାହିଁ। ମାତ୍ର ଯୋଗାଣମନ୍ତ୍ରୀ ତ ଭିନ୍ନ ଧାତୁରେ ଗଢ଼ା। ଆଳୁ କଥା ପଚାରିଲେ ତାଙ୍କ ଦିହ ଜଳି ଯାଉଛି, ଆଖିରୁ ନିଆଁ ହୁଳା ବାହାରୁଛି। କେଇଦିନ ତଳେ କିଏ ଜଣେ ବୁମ୍ ଧାରୀ ଆଳୁ କଥା ମନ୍ତ୍ରୀଙ୍କୁ ପଚାରିଦେଲା। ୟା ପରେ କୃଷ୍ଣଚନ୍ଦ୍ର ତ ରାଗି ପାଚି ଲାଲ। ଦୁନିଆଁରେ କ'ଣ ଆଉ କିଛି କଥା ନାହିଁ? ସବୁଦିନ ଆଳୁ ଆଉ ଆଳୁ ? ନିତି ନିତି ଏହି ପ୍ରଶ୍ନର ଉତ୍ତର ଦେଇ ପାରିବେ ନାହିଁ ବୋଲି ମନ୍ତ୍ରୀ ରୋକଠୋକ୍ କହିଦେଲେ। ୟା' ପରେ ବୁମ୍‌ଧାରୀ ଚୁପ୍, ମନ୍ତ୍ରୀକୁ ନ ପଚାରି ଏ କଥା ଆଉ କାହାକୁ ପଚାରିବେ? ■



## ପ୍ରଭାତୀଙ୍କ ଅଙ୍ଗନବାଡ଼ି ଚିନ୍ତା

ଏବର ରାଜ୍ୟ ସରକାରରେ ଯେତେ ମନ୍ତ୍ରୀ ଅଛନ୍ତି; ସେମାନଙ୍କ ମଧ୍ୟରୁ ଦି' ଜଣ ଭାରି ବିଖ୍ୟାତ। ଗାଁ ଗାଁରେ ଲୋକ କଥାରେ ବିଖ୍ୟାତ ମନ୍ତ୍ରୀଙ୍କୁ ଅହରହ ଗାଳି କରୁଛନ୍ତି। ଆଳୁ-ପିଆଜ ଦର ବୃଦ୍ଧିକୁ ନେଇ ତାଙ୍କ ଚଉଦ ପୁରୁଷ ଉଝାଳୁଛନ୍ତି। ମାତ୍ର ପ୍ରଥମଥର ନିର୍ବାଚିତ ହେବା ସତ୍ତ୍ୱେ ଉପମୁଖ୍ୟମନ୍ତ୍ରୀ ପଦ ପ୍ରଭାତୀଙ୍କୁ ଯେତିକି ପରିଚିତି ଦେଇନାହିଁ, ସୁଭଦ୍ରା ଯୋଜନା ତା'ଠୁ ବେଶୀ ବିଖ୍ୟାତ କରିଛି। ଦୀର୍ଘଦିନ ଧରି ପଦ୍ମ ସଙ୍ଗଠନର ମହିଳାଙ୍କ ମୋର୍ଚ୍ଚା ଧରିବାର ଅଭିଜ୍ଞତା ଓ ଅଭିଜ୍ଞ ନେତାଙ୍କ ନିର୍ଦ୍ଦେଶ ଅନୁପାଳନର ନିଷ୍ଠା କୁଆଡ଼େ ତାଙ୍କ କାମରେ ପ୍ରତିଫଳିତ ହେଉଥିବା କେହି କେହି କହୁଥିବା ଶୁଣା ଯାଉଛି। ଯଦିଓ ଶୁଦ୍ଧ ଭାଷଣ ମାରିବାରେ ପଦ୍ମ ଦଳିଆଙ୍କଠାରୁ ପାରଙ୍ଗମ ନେତା ଓ ନେତ୍ରୀ ଅନ୍ୟ ଦଳରେ ବିଶେଷ ଦେଖା ଯାଆନ୍ତି ନାହିଁ, ହେଲେ ମାପିଚୁପି କଥା କହିବାରେ ପ୍ରଭାତୀଙ୍କ ପରି ନେତ୍ରୀଙ୍କ ସଂଖ୍ୟା ତାଙ୍କ ଦଳରେ ଯଥେଷ୍ଟ କମ୍। ନିକଟରେ ରାଜସ୍ଥାନରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ମହିଳା ଓ ଶିଶୁବିକାଶ ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପ୍ରଭାତୀ ଅଙ୍ଗନବାଡ଼ିରେ ଅଣ୍ଡା ପ୍ରଦାନ ପ୍ରସଙ୍ଗରେ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହା ଅନେକଙ୍କୁ ପ୍ରଭାବିତ କରିଛି। ଅଙ୍ଗନବାଡ଼ି, ମଧ୍ୟାହ୍ନ ଭୋଜନ ଆଦି ପାଇଁ ମୂଲ୍ୟ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥାଆନ୍ତି। ମାତ୍ର ପରିବର୍ତ୍ତିତ ସମୟରେ ଅଣ୍ଡାପ୍ରଦାନ ପାଇଁ ଯେତିକି ଅର୍ଥ ବରାଦ କରାଯାଉଛି ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ସମସ୍ୟା ହେଉଛି। ତେଣୁ ଏହା ଉପରେ ବିଚାର କରାଯିବା ଉପରେ ପ୍ରଭାତୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ବିଚାରଯୋଗ୍ୟ ବୋଲି ଅନେକ କହୁଛନ୍ତି। ■



## ଶିଳ୍ପ ମନ୍ତ୍ରୀ ଭାରି ବିଜି

ଆମ ରାଇଜ ଶିଳ୍ପମନ୍ତ୍ରୀ ହେଉଛନ୍ତି ଶିଳ୍ପାଞ୍ଚଳ ପାରାଦ୍ୱୀପର ସମ୍ପଦ। ବିଜିନେସ ମ୍ୟାନେଜମେଣ୍ଟ ପାଠ ପଢ଼ିଛନ୍ତି ବୋଲି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ବିଭାଗର ମନ୍ତ୍ରୀପଦ ମିଳିଛି ବୋଲି ଅନେକ କୁହନ୍ତି। ଖାଲି ପାରାଦ୍ୱୀପ କାହିଁକି, କଳିଙ୍ଗନଗର, ରାଉରକେଲା, ଅନୁଗୋଳ, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ାର ଶିଳ୍ପପତିଙ୍କର ସିଏ କେତେ ଆପଣାର ତାହା ତାଙ୍କ ସରକାରୀ ଗୃହ ପ୍ରବେଶ ଦିନ ପ୍ରମାଣ ମିଳିଛି। ତେଣୁ ଶିଳ୍ପ ମନ୍ତ୍ରୀ ସ୍ୱାଭାବିକ ଭାବରେ ସବୁବେଳେ ଭାରି ବିଜି। ମନ୍ତ୍ରୀ ଦାୟିତ୍ୱ ନେବା ଦିନ ଠୁ ତାଙ୍କୁ ଜମା ଫୁର୍ସତ ନାହିଁ; ରାଜ କାର୍ଯ୍ୟରେ ଏତେ ବ୍ୟସ୍ତ ଯେ ନିଜ ପରିବାର ପାଇଁ ସିଏ କୁଆଡ଼େ ସମୟ ଦେଇ ପାରୁନାହାନ୍ତି। ଅଞ୍ଚଳ କଥା ବୁଝିବା ଦାୟିତ୍ୱ ପ୍ରକାଶଙ୍କ ଉପରେ ଲଦି ଦେଇ ନିଜେ ରାଇଜ ସେବାରେ ଲାଗିଛନ୍ତି। ରାଇଜ ମୁଖିଆ ତାଙ୍କୁ ତ ଦଣ୍ଡେ ଆଖି ଆଗରୁ ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି। ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁର ପର୍ଯ୍ୟନ୍ତ ସମ୍ପଦଙ୍କୁ ସାଙ୍ଗରେ ଧରି ବୁଲୁଛନ୍ତି। ଆଗାମୀ ସପ୍ତାହରେ ପୁଣି ମେକ୍ ଇନ୍ ଓଡ଼ିଶା-ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏତେ ବ୍ୟସ୍ତତା ଭିତରେ ସିଏ ରାଜଗାଙ୍ଗପୁର ଡ଼ାଲମିଆ କାରଖାନା ଦୁର୍ଘଟଣାରେ କେତେଜଣ ଶ୍ରମିକଙ୍କ ମୃତ୍ୟୁକଥା ଭୁଲିଯିବା କ'ଣ ଗୋଟାଏ ବଡ଼ କଥା? ହେଲେ ଜିରାରୁ ଶିରା ବାହାର କରିବା ପରି ତାଙ୍କ ସରକାରଙ୍କ ବିରୋଧୀ ଆଉ ଦଳରେ ଥିବା ତାଙ୍କ ବିରୋଧୀ ୟାକୁ ନେଇ ନାନାଦି କଥା ପ୍ରଚାର କରୁଛନ୍ତି। ଦି' ଜଣ ସହଯୋଗୀ ମନ୍ତ୍ରୀଙ୍କ ସହ କୃଷ୍ଣାଞ୍ଚଳର ପାତ୍ରମନ୍ତ୍ରୀ ବି ୟାକୁ ନେଇ ନାନାଦି କଥା କହୁଛନ୍ତି। ବିଜି ସମ୍ପଦଙ୍କୁ ଏହା କୁଆଡ଼େ ଭାରି ବିପଦରେ ପକାଇଛି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।